


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 3 OCTOBER 2020

Vol.No. 30 ■ No. 250 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,





Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No: 9437294587, 9438232419, 9437443950,


# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଳାହାଣ୍ଡିରେ ତିନିଟି ଶକ୍ତି ପ୍ରକଳ୍ପ ଲୋକାର୍ପିତ

## ଆଗାମୀ ଦିନରେ କଳାହାଣ୍ଡି ଜିଲ୍ଲା ବିକାଶର ନୂଆ ପରିଚୟ ସୃଷ୍ଟି କରିବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା ଅଂଚଳର ବାର୍ଲେ ଠାରେ ଏକ ୨୨୦/୧୩୨/୩୩ କେଭି ଗ୍ରୀଡ ସବ୍‌ଷ୍ଟେସନକୁ ଉଦ୍‌ଘାଟନ କରିଛନ୍ତି। ଏହାସହିତ ଗ୍ରୀଡରୁ ବାହାରିଥିବା ଦୁଇଟି ୩୩ କେଭି ଫିଡର ଲାଇନ ମଧ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ୩ଟି ଶକ୍ତି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି ଜିଲ୍ଲାର ଜୟପାଟଣା, କୋକସରା ଓ କଲମପୁର ଅଂଚଳର ୩୦ ହଜାର ଲୋକ ଉପକୃତ ହେବେ। ଲୋକଙ୍କୁ ଉନ୍ନତ ମାନର ବିଶ୍ୱସନୀୟ ଓ ନିରବଚ୍ଛିନ ବିଦ୍ୟୁତ ସେବା ମିଳିବ। ପାବାର କଟ ସମସ୍ୟା ଦୂର ହେବ ଏବଂ ଚାଷୀ, ମହିଳା ଓ ଛାତ୍ରଛାତ୍ରୀ ସମସ୍ତେ ଉପକୃତ ହେବେ । ଆଗାମୀ ଦିନରେ ଜିଲ୍ଲାର ଅନ୍ୟ ଅଂଚଳକୁ ବିଦ୍ୟୁତ ସେବାର ସଂପ୍ରସାରଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ଏହି ୨୨୦ କେଭି ଜୟପାଟଣା ଗ୍ରୀଡ ପାଇଁ ୮୨ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ଗ୍ରୀଡ ଦ୍ୱାରା କଳାହାଣ୍ଡିର ଜନସାଧାରଣ ପ୍ରଥମ ଥର ପାଇଁ ଇନ୍ଦ୍ରାବତୀ ପ୍ରକଳ୍ପରୁ ସିଧାସଳଖ ବିଜୁଳି ଶକ୍ତି ପାଇପାରିବେ। ଆଗାମୀ ଦିନରେ ୪୭ କିଲୋମିଟର ଦୀର୍ଘ ଆଉ ଏକ ୧୩୨ କେଭି ଡବଲ ସର୍କିଟ ଲାଇନ ଜୁନାଗଡକୁ ସଂଯୁକ୍ତ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ଦିନରେ କଳାହାଣ୍ଡି ଜିଲ୍ଲା ବିକାଶର ନୂଆ ପରିଚୟ ସୃଷ୍ଟି କରିବ । ବର୍ତ୍ତମାନ ଏହା ଏକ ତ୍ୱରିତ ବିକାଶଶୀଳ ଜିଲ୍ଲା ଭାବରେ ପରିଚୟ ସୃଷ୍ଟି କରିପାରିଛି । କୃଷି କ୍ଷେତ୍ରରେ ଜିଲ୍ଲାର ଦ୍ରୁତ ଉନ୍ନତି ହୋଇଛି। ଜଳସେଚନର ସୁବିଧା ପାଇଁ ରେତ ଜଳସେଚନ ପ୍ରକଳ୍ପ ସହିତ ଆହୁରି ଅନେକ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସରକାରୀ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟକୁ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟରେ ପରିଣତ କରାଯାଇଛି। ବିଜୁ ଏକ୍ସପ୍ରେସ ୱେ ପଶ୍ଚିମ ଓଡିଶାର ଅର୍ଥନୈତିକ ଜୀବନଧାରା ହେବାକୁ ଯାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଳାହାଣ୍ଡି ଜିଲ୍ଲାର ଅର୍ଥନୈତିକ ବିକାଶକୁ ମଧ ଏହା ତ୍ୱରାନ୍ୱିତ କରିବ । ବାର୍ଲେ ଠାରେ ଶକ୍ତି ମନ୍ତ୍ରୀ ଶ୍ରୀ ଦିବ୍ୟଶଂକର ମିଶ୍ର କହିଲେ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କଳାହାଣ୍ଡିରେ କୃଷି, ଜଳସେଚନ, ସଡକ ପରିବହନ,

▶▶ପୃଷ୍ଠା ୭

## ୨୪ ଘଂଟାରେ ସୁସ୍ଥ ହେଲେ ୪୦୪୮ ଆକ୍ରାନ୍ତ

ଭୁବନେଶ୍ୱର,୨।୧୦ (ନି.ପ୍ର): ରାଜ୍ୟରୁ ଆଜି ଆଉ ୪୦୪୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଥିସହ ରାଜ୍ୟରେ କରୋନା ଆରୋଗ୍ୟ ସଂଖ୍ୟା ୧୯୪୧୨୮ରେ ପହଂଚିଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟ୍ୱିଟ୍ କରି ସୂଚନା ଦେଇଛି।

ଶୁକ୍ରବାର ଦିନ ଖୋର୍ଦ୍ଧାରୁ ସର୍ବାଧିକ ୬୮୩ ଜଣ ସୁସ୍ଥ ହୋଇଥିବା ବେଳେ କଟକରୁ ୪୬୬, ପୁରୀରୁ ୧୯୫, ଯାଜପୁରରୁ ୧୭୬, ଅନୁଗୁଳରୁ ୧୬୭, କନ୍ଧମାଳରୁ ୧୪୬, କେନ୍ଦ୍ରାପଡ଼ାରୁ ୧୪୨, ନବରଙ୍ଗପୁରରୁ ୧୩୩, ଜଗତସିଂହପୁରରୁ ୧୩୦, ଭଦ୍ରକରୁ ୧୧୮, ବାଲେଶ୍ୱରରୁ ୧୧୫, ସମ୍ବଲପୁରରୁ ୧୧୧, ମୟୂରଭଞ୍ଜରୁ ୧୦୮, କେନ୍ଦୁଝରରୁ ୧୦୭, ବରଗଡ଼ରୁ ୧୦୬, ନୂଆପଡ଼ାରୁ ୧୦୧ ଜଣ ସୁସ୍ଥ ହୋଇଛନ୍ତି।

ସେହିପରି ରାୟଗଡ଼ାରୁ ୯୯, ସୁନ୍ଦରଗଡ଼ରୁ ୯୮, ଝାରସୁଗୁଡ଼ାରୁ ୮୧, କୋରାପୁଟରୁ ୬୪, ସୋନପୁରରୁ ୬୧, କଳାହାଣ୍ଡିରୁ ୫୩, ମାଲକାନଗିରିରୁ ୪୮, ନୟାଗଡ଼ରୁ ୪୬, ବଲାଙ୍ଗିରରୁ ୪୫, ଗଞ୍ଜାମରୁ ୩୯, ବୌଦ୍ଧରୁ ୩୫, ଢେଙ୍କାନାଳରୁ ୩୩, ଦେବଗଡ଼ରୁ ୧୬, ଗଜପତିରୁ ୧୩ ଏବଂ ଷ୍ଟେଟ୍ ପୁଲରୁ ୩୧୩ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ରାଜଧାନୀରେ କରୋନା ମୃତ୍ୟୁ ୧୦୦ ଛୁଇଁଲା

ଭୁବନେଶ୍ୱର ,୨।୧୦ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ମୃତକଙ୍କ ସଂଖ୍ୟା ୧୦୦ ଛୁଇଁଛି। ଶୁକ୍ରବାର ଦିନ ଆଉ ୪ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଭୁବନେଶ୍ୱରରୁ ଆଜି ମୋଟ୍ ୩୧୨ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୫୮ ଜଣ ସଂଗରୋଧ ଓ ୨୫୪ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ସେହିପରି ଭୁବନେଶ୍ୱରରୁ ଆଜି ୩୨୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨ ହଜାର ୫୪୭କୁ ବୃଦ୍ଧି ପାଇଛି। ଏଥିରୁ ୧୮ ହଜାର ୯୧୪ ଜଣ ସୁସ୍ଥ ହୋଇସାରିଛନ୍ତି। ବର୍ତମାନ ୩ ହଜାର ୫୧୫ ଜଣ ଆକ୍ରାନ୍ତ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ସଂଗରୋଧରୁ ଚିହ୍ନଟ ୫୮ ଜଣ କରୋନା ପଜିଟିଭ ବ୍ୟକ୍ତିମାନେ ପୂର୍ବରୁ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ସଂସ୍ପର୍ଶରେ ଆସିଥିଲେ। ସେମାନଙ୍କ ମଧ୍ୟରେ ଚନ୍ଦ୍ରଶେଖରପୁରରୁ ୫ ଜଣ, ଲକ୍ଷ୍ମୀସାଗର ଓ ପଟିଆରୁ ୪ ଜଣ ଲେଖାଏଁ , ବଡଗଡ, ଆଇଆରସି ଭିଲେଜ, କଳିଙ୍ଗ ବିହାର , ସହୀଦ ନଗର, ଟଙ୍କପାଣି ରୋଡ୍ ,ପୋଖରୀପୁଟ, ପାଣ୍ଡବ ନଗର, ୟୁନିଟ୍ ୮ ଓ ୟୁନିଟ୍ ୬ ରୁ ୨ ଜଣ ଲେଖାଏଁ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପଟିଆରୁ ସର୍ବାଧିକ ୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୟାପଲ୍ଲୀରୁ ୧୩ ଜଣ, ଝାରପଡ଼ାରୁ ୧୦ ଜଣ, ଚନ୍ଦ୍ରଶେଖରପୁରରୁ ୯ ଜଣ ୟୁନିଟ-୬, ୟୁନିଟ-୯ରୁ ୮ ଜଣ ଲେଖାଏଁ, ବାପୁଜୀ ନଗର ଓ ଶୈଳଶ୍ରୀ ବିହାରରୁ ୭-୭ ଜଣ, ସହିଦ ନଗରରୁ ୬ ଜଣ, ଅଶୋକ ନଗର, ୟୁନିଟ୍ ୮ , ୟୁନିଟ୍ ୨ ଭୀମଟାଙ୍ଗୀ, ରସୁଲଗଡ଼, ନିଳାଦ୍ରୀ ବିହାର, ସୁନ୍ଦରପଦା, ୟୁନିଟ-୪ରୁ ୫-୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

## ଲଘୁଚାପ ପ୍ରଭାବରେ ୭ ଯାଏଁ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର ,୨।୧୦ (ନି.ପ୍ର): ଗତକାଲି ପଶ୍ଚିମ-କେନ୍ଦ୍ରୀୟ ଏବଂ ଉତର-ପଶ୍ଚିମ ବଙ୍ଗୋପସାଗରର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ବର୍ତମାନ ଉତର-ପଶ୍ଚିମ ଏବଂ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ରହିଛି। ଏହାର ପ୍ରଭାବରେ ଆସନ୍ତା ଅକ୍ଟୋବର ୭ ତାରିଖ ଯାଏ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ସେହିପରି ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ କଟକ ଓ ଭୁବନେଶ୍ୱରରେ ପାଗ ମେଘୁଆ ରହିବା ସହିତ କିଛି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। କିଛି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ୨୪ ଘଂଟା ମଧରେ ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଜଗତସିଂହପୁର, କେନ୍ଦୁଝର, ପୁରୀ, ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ସେହିପରି ୪ ତାରିଖରେ କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ବରଗଡ, ବୌଦ୍ଧ, ଗଞ୍ଜାମ, ପୁରୀ, ସୋନପୁର, ନୟାଗଡ଼, ରାୟାଗଡ଼ା, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ସମସ୍ତ

▶▶ପୃଷ୍ଠା ୭

## ୧୫୧ତମ ଗାନ୍ଧୀ ଜୟନ୍ତୀରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

# ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନକୁ ଇତିହାସର ପୃଷ୍ଠାରେ ଲିପିବଦ୍ଧ କରିବା ପାଇଁ ଆଗେଇ ଆସିବା ଦରକାର : ଧର୍ମେନ୍ଦ୍ର



ଭୁବନେଶ୍ୱର ,୨।୧୦ (ନି.ପ୍ର): ଓଡ଼ିଆ ସମାଜର ସ୍ୱାଧୀନତା ସଂଗ୍ରାମୀଙ୍କ ସେବା ଓ ଅବଦାନକୁ ଇତିହାସର ପୃଷ୍ଠାରେ ଲିପିବଦ୍ଧ କରିବା ପାଇଁ ଏବଂ ଏକବିଂଶ ଶତାବ୍ଦୀରେ ଗାନ୍ଧୀଜୀଙ୍କ ବିଚାରରେ ଓଡ଼ିଶାକୁ ଆତ୍ମନିର୍ଭର କରିବା ପାଇଁ ସମସ୍ତେ ସଙ୍କଳ୍ପ କରିବା ଦରକାର ବୋଲି ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କ ୧୫୧ ତମ ଜୟନ୍ତୀ ଅବସରରେ ‘ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ’ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଡା. ହରେକୃଷ୍ଣ ମହତାବ ବାଲେଶ୍ୱରର ଇଂଚୁଡ଼ି ଠାରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିଥିଲେ । ଗାନ୍ଧୀଜୀଙ୍କ ଦାଣ୍ଡି ଆନ୍ଦୋଳନ ପରେ ଏହା ଦ୍ୱିତୀୟ ବୃହତମ ଆନ୍ଦୋଳନ ଭାବରେ ପ୍ରତିଷ୍ଠିତ ହୋଇପାରିଥିଲା । ସେହିପରି ଇରମରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ, ତାଳଚେରରେ ପ୍ରଜା ଆନ୍ଦୋଳନ, ଦେଶ ପାଇଁ ଶହୀଦ ହୋଇଥିବା ବାଜି ରାଉତଙ୍କ ବଳିଦାନ ଆଜି ମଧ ପ୍ରାସଙ୍ଗିକତା ରଖିଛି । ଏହାସହ ଭାରତୀୟ

▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୮୭୫ ହେଲା



ଭୁବନେଶ୍ୱର,୨।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮୭୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୬ ଜଣ, ନୟାଗଡ ଜିଲ୍ଲାର ୩ ଜଣ, ବାଲେଶ୍ୱର ଓ କଟକ ଜିଲ୍ଲାର ୨-୨ ଜଣ, ବରଗଡ, ଜଗତସିଂହପୁର ଓ କଳାହାଣ୍ଡି ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସେହିପରି ବାଲେଶ୍ୱର ଜିଲ୍ଲାର ଜଣେ ୮୦ ବର୍ଷୀୟ କରୋନା ସଂକ୍ରମିତ ପୁରଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ବରଗଡ ଜିଲ୍ଲାର ୪୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ

▶▶ପୃଷ୍ଠା ୭

## ବିଧାନସଭା ପରିସରରେ ୫୧ ତମ ଗାନ୍ଧୀ ଜୟନ୍ତୀ ପାଳିତ

ଭୁବନେଶ୍ୱର ,୨।୧୦ (ନି.ପ୍ର): ବିଧାନସଭା ପରିସରରେ ଶୁକ୍ରବାର ଦିନ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଗାନ୍ଧୀଜୀଙ୍କ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଏହି ଅବସରରେ ସରକାରୀ ଦଳ ଉପମୁଖ୍ୟ ସଚେତକ ଶ୍ରୀ ରୋହିତ ପୂଜାରୀ, ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ ଓ ଶ୍ରୀ ରମେଶ ଚନ୍ଦ୍ର ସାଇ, ପୂର୍ବତନ ଉପବାଚସ୍ପତି ଶ୍ରୀ ରାମଚନ୍ଦ୍ର ପଣ୍ଡା, ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ ପ୍ରମୁଖ ଗାନ୍ଧୀଜୀଙ୍କ ପ୍ରତିମୂର୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାନିବେଦନ କରିଥିଲେ । ବିଧାନସଭାର ପଦାଧିକାରୀ ଓ କର୍ମଚାରୀ ମଧ ସେବା ଓ ତ୍ୟାଗର ମୂର୍ତିମନ୍ତ ପ୍ରତୀକ ରାଷ୍ଟ୍ରପିତା ବାପୁଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଗତ ସେପ୍ଟେମ୍ବର ମାସରେ ପୂର୍ବତଟ ରେଳପଥ ୧୬.୧୬ ନିୟୁତ ଟନ ପଣ୍ୟ ବୋଝେଇ କରିଛି

ଭୁବନେଶ୍ୱର,୨।୧୦ (ନି.ପ୍ର): ଅଧିକ ପଣ୍ୟ ପରିବହନର ଲକ୍ଷ୍ୟ ସାଧନରେ, ଭାରତୀୟ ରେଳବାଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି । ୨୦୨୦ ସେପ୍ଟେମ୍ବର ମାସରେ ପଣ୍ୟ ବୋଝେଇ ଓ ପରିବହନ ବିଗତ ସେପ୍ଟେମ୍ବର ମାସ ମାନଙ୍କ ପଣ୍ୟ ପରିବହନକୁ ଭାରତୀୟ ରେଳବାଇ ଅତିକ୍ରମ କରିପାରିଛି । ଏକ ଉଲ୍ଲେଖନୀୟ ପ୍ରଦର୍ଶନରେ, ୨୦୨୦ ସେପ୍ଟେମ୍ବର ମାସରେ ଭାରତୀୟ ରେଳବାଇ ୧୦୨.୧୨ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହା ଗତ ବର୍ଷର ସେପ୍ଟେମ୍ବର ମାସ ପଣ୍ୟ ପରିବହନ ଠାରୁ ୧୩.୫୯ ନିୟୁତ ଟନ୍ ତଥା ୧୫.୩୫ ଶତକଡ଼ା ବୃଦ୍ଧିକରିପାରିଛି । ୨୦୧୯ ମସିହା ସେପ୍ଟେମ୍ବର ମାସରେ ଭାରତୀୟ ରେଳବାଇ ୮୮.୫୩ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲା । ଭାରତୀୟ ରେଳବାଇ ଦ୍ୱାରା ଗତ ସେପ୍ଟେମ୍ବର ମାସରେ ସର୍ବାଧିକ ୧୦୨.୧୨ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥ ଏକ ପ୍ରମୁଖ ଅଂଶ ପ୍ରଦାନ କରିଛି । ୨୦୨୦ ସେପ୍ଟେମ୍ବର ମାସରେ ପୂର୍ବତଟ ରେଳପଥ ୧୬.୧୬ ନିୟୁତ ଟନ୍ ପଣ୍ୟ ପରିବହନ କରିଛି ଯାହାକି ୨୦୧୯ ସେପ୍ଟେମ୍ବର ମାସଠାରୁ ୧.୫୮ ନିୟୁତ ଟନ୍ ଅଧିକ ବା ୧୦.୯ ଶତକଡ଼ା ବୃଦ୍ଧି ଆଣିପାରିଛି । ୨୦୧୯ ସେପ୍ଟେମ୍ବର ମାସରେ ପୂର୍ବତଟ

▶▶ପୃଷ୍ଠା ୭

## ନଭେମ୍ବର ୨୦ ଯାଏଁ ଭର୍ଚୁଆଲ ମୋଡ୍‌ରେ ଚାଲିବ ହାଇକୋର୍ଟ

ଭୁବନେଶ୍ୱର,୨।୧୦ (ନି.ପ୍ର): ଆସନ୍ତା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ କାର୍ଯ୍ୟ ଭର୍ଚୁଆଲ ମୋଡ୍ ରେ ଚାଲିବ। ବର୍ତମାନ କୋର୍ଟ କାର୍ଯ୍ୟ ଯେପରି ଚାଲିଛି ସେହି ଧାରାରେ କାର୍ଯ୍ୟ ଜାରି ରହିବ। ହାଇକୋର୍ଟ, ଟ୍ରିବ୍ୟୁନାଲ, ନିମ୍ନ ଅଦାଲତ ଅକ୍ଟୋବରର ପ୍ରତି ଶନିବାର ବନ୍ଦ ରହିବ, ଏନେଇ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଶୁକ୍ରବାର ଦିନ ଅଫିସ ଅର୍ଡର ପ୍ରକାଶ ପାଇଛି। ପୂର୍ବରୁ କୋର୍ଟ କାର୍ଯ୍ୟ ନେଇ ୨୦୨୦, ଅଗଷ୍ଟ ୨୧ରେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ବଳବତର ରହିବ ବୋଲି ଆଜି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଉଭୟ ପୁରୁଣା ଓ ନୂଆ ଜରୁରୀ ମାମଲା ଗୁଡିକର ଶୁଣାଣି ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ମାଧ୍ୟମରେ କରାଯିବ। ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ପ୍ରସଂଗରେ ଜରୁରୀ ସଂପର୍କିତ ସୂଚନା ଥିବା ମେମୋ ଇ-ଫାଇଲିଂ ମୋଡ୍/ ଇ-ମେଲ୍/ ଡ୍ରପ୍ ବକ୍ସ ମାଧ୍ୟମରେ ଡେପୁଟି ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ନିକଟରେ ଆଗୁଆ ଦାଖଲ ହେବ ଓ ଏ ନେଇ ଆଗୁଆ ପ୍ରତିପକ୍ଷଙ୍କୁ ଅବଗତ କରାଯିବ ବୋଲି ପୂର୍ବରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ଯଦି ଶୁଣାଣି ସମୟରେ ଆଇନଜୀବୀ ଅନୁପସ୍ଥିତ ରୁହନ୍ତି ତେବେ ମାମଲାରେ କୌଣସି ପ୍ରତିକୂଳ ନିର୍ଦ୍ଦେଶ ପ୍ରଦାନ କରାଯିବ ନାହିଁ। ଆଇନଜୀବୀ ଓ ପକ୍ଷମାନେ ଘରୁ କିମ୍ବା କାର୍ଯ୍ୟାଳୟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣିରେ ଅଂଶ ଗ୍ରହଣ କରିବେ। ନୂଆ ମାମଲା ସହିତ, ଜବାବ (କାଉଂଟର ଆଫିଡେଭିଟ୍), ବିଚାରାଧୀନ ମାମଲାରେ ଅନ୍ତରୀଣ ଆବେଦନ ଓ ଡକ୍ୟୁମେଂଟ ଦାଖଲ ଇ-ଫାଇଲିଂ ପୋର୍ଟାଲ କିମ୍ବା ଇ-ମେଲ୍ ଦ୍ୱାରା କରାଯିବ।

▶▶ପୃଷ୍ଠା ୭

## ଲୋକସଭା ବାଚସ୍ପତିଙ୍କ ପିତା ଶ୍ରୀକୃଷ୍ଣ ବିର୍ଲାଙ୍କ ବିୟୋଗରେ ସୂର୍ଯ୍ୟ ପାତ୍ରଙ୍କ ଶୋକ

ଭୁବନେଶ୍ୱର,୦୨।୧୦ (ନି.ପ୍ର): ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ପିତା ଶ୍ରୀକୃଷ୍ଣ ବିର୍ଲାଙ୍କ ବିୟୋଗରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତାରେ ଡ. ପାତ୍ର କହିଛନ୍ତି ଯେ, ସ୍ୱର୍ଗତ ଶ୍ରୀକୃଷ୍ଣ ବିର୍ଲା ଜଣେ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ସହିତ ମହାନ ସମାଜସେବୀ ଥିଲେ । ବିଭିନ୍ନ ସରକାରୀ ବିଭାଗରେ ପଦାଧିକାରୀ ଭାବେ କାର୍ଯ୍ୟ କରି ସେ ସୁନାମ ଅର୍ଜନ କରିଥିଲେ । କର୍ମଚାରୀ ସଂଗଠନର କାର୍ଯ୍ୟକର୍ତା ଭାବେ ତାଙ୍କର କାର୍ଯ୍ୟଶୈଳୀ ଉଚ୍ଚକୋଟୀର ଥିଲା । ରାଜସ୍ଥାନରେ ସହକାର ପୁରୁଷ ଭାବେ ସେ ଖୁବ୍ ଲୋକପ୍ରିୟ ଥିଲେ । ସେ ପିତାମହ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । କେବଳ କୋଟା ଜିଲ୍ଲା ନୁହେଁ ସମଗ୍ର ରାଜସ୍ଥାନରେ ସେ ସମସ୍ତଙ୍କ ପ୍ରିୟଭାଜନ ଥିଲେ । ତାଙ୍କର ପରଲୋକରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ ରହିବ । ବାଚସ୍ପତି ଡ. ପାତ୍ର ସ୍ୱର୍ଗତ ଶ୍ରୀକୃଷ୍ଣ ବିର୍ଲାଙ୍କ ପ୍ରତି ଆନ୍ତରିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

## ଉତରପ୍ରଦେଶ ହାତରସ ଘଟଣା ପାଇଁ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

କନ୍ଧମାଳ,୦୨।୧୦ (ନି.ପ୍ର): ପ୍ରଦେଶ ଯୁବ କଂଗ୍ରେସ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଫୁଲବାଣୀରେ ଉତରପ୍ରଦେଶ ହାତରସରେ ହୋଇଥିବା ଜଣେ ଯୁବତୀଙ୍କୁ ନିର୍ମମ ଭାବରେ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି । ମଧ୍ୟରାତ୍ରରେ ତାଙ୍କୁ ମୃତ ଘୋଷଣା କରିବାପରେ ତାଙ୍କ ଶବକୁ ଉତରପ୍ରଦେଶ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର ନ କରି ପ୍ରଶାସନ ଶବକୁ ପୋଡିଦେଇଥିବା ଘଟଣାକୁ ବିରୋଧ କରାଯାଇଛି । ସେଥିପାଇଁ ଆଜି ସଂନ୍ଧ୍ୟାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ବିଜୁପଟ୍ଟନାୟକ ଛକଠାରେ ପହଂଚିଥିଲା । ଏଥିରେ ପୁର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ପୁର୍ବତନ ବିଧାୟକ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲା କଂଗ୍ରେସର ଘନକୁମାର ଶବର, ହେମନ୍ତ କର,ସଂସାର ଭୋଇ, ଦୁର୍ଯ୍ୟଧନ ପଟ୍ଟନାୟକ, ସଞ୍ଜୟ ଭଞ୍ଜ,ବଳଦେବ ବେହେରା, ଅଶୋକ ସାସିନି, ନନ୍ଦକିଶୋର ଦାସ, ଶିବଶଙ୍କର ବେହେରା, ମନିଶ ବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ପୀଡିତାଙ୍କ ତୈଳଚିତ୍ର ଆଗରେ କ୍ୟାଣ୍ଡେଲ ଜାଳି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସରକାରଙ୍କର ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟ ହିନ୍ଦୁ ଧର୍ମର ବିରୋଧ ଓ ଅସମ୍ମାନ ବୋଲି ଦଳର ପୁରୁଣା ନେତା ମାନେ କହିଛନ୍ତି । ଉତରପ୍ରଦେଶ ସରକାରଙ୍କ ଏହି କାର୍ଯ୍ୟକୁ ବିରୋଧ କରାଯିବା ସହିତ ସେଠାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟ ଯୋଗୀଙ୍କ କୁଶପୁତଳିକା ଦାହ କରାଯାଇଥିଲା ।

## ଜଗତସିଂହପୁର ଜିଲ୍ଲାପାଳଙ୍କ ବଦଳି ଦାବିରେ ସିଇଓଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର,୦୨।୧୦ (ନି.ପ୍ର): ଜଗତସିଂହପୁର ଜିଲ୍ଲାପାଳଙ୍କୁ ବଦଳି ଦାବିରେ ଗୁରୁବାର ପ୍ରଦେଶ କଂଗ୍ରେସ ପକ୍ଷରୁ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ । ଶ୍ରୀ ରାଉତରାୟ ଅଭିଯୋଗ କରିଥିଲେ ଯେ ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଜନ୍ମସ୍ଥାନ ତିର୍ତୋଲ ନିର୍ବାଚନ ମଣ୍ଡଳୀର ଶଙ୍ଖେଶ୍ୱର ପଂଚାୟତରେ ଏବଂ ତାଙ୍କର ପିତା ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର ଜନତା ଦଳର ଜଣେ ସ୍ଥାନୀୟ ନେତା ଥିଲେ ଏବଂ ୧୯୯୭-୯୭ ମସିହା ପର୍ଯ୍ୟନ୍ତ ଶଙ୍ଖେଶ୍ୱର ପଂଚାୟତର ସରପଂଚ ମଧ ଥିଲେ । ଏଣୁ ତିର୍ତୋଲ ଉପନିର୍ବାଚନରେ ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନାରେ ନିଶ୍ଚୟ ବାଧା ସୃଷ୍ଟି ହେବ ବୋଲି ଶ୍ରୀ ରାଉତରାୟ କହିଛନ୍ତି । ତାଙ୍କର ପରିବାର ଶାସକ ଦଳର ସମର୍ଥକ ହୋଇଥିବା ବେଳେ ଜିଲ୍ଲାପାଳ ଏହି ଉପନିର୍ବାଚନକୁ ନିଶ୍ଚୟ ପ୍ରଭାବିତ କରିବେ ବୋଲି ଶ୍ରୀ ରାଉତରାୟ ଅଭିଯୋଗ କରିଛନ୍ତି । ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କର ମଧ ଅଭିଯୋଗ ରହିଛି ଯେ ଭୋଟରମାନଙ୍କୁ ନିର୍ବାଚନ ପୂର୍ବରୁ ପ୍ରଶାସନ ପ୍ରଲୋଭିତ କରୁଛି ଏବଂ ଶାସକ ଦଳକୁ ଭୋଟ ଦେବା ପାଇଁ ବାଧ କରୁଛି । ଶ୍ରୀ ରାଉତରାୟଙ୍କ ଦାବିକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଗ୍ରହଣ କରିବା ସହ ଏ ସଂପର୍କରେ ତୁରନ୍ତ ନିଷ୍ପତି ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ପ୍ରକାଶ ମିଶ୍ର, ଲିଙ୍ଗରାଜ ସାହୁ, ସୁଶାନ୍ତ ତ୍ରିପାଠୀ ଓ ଦୀପକ ମହାପାତ୍ର ପ୍ରମୁଖ ଶ୍ରୀ ରାଉତରାୟଙ୍କ ସହିତ ରହିଥିଲେ ।

## ବରିଷ୍ଠ ଚିତ୍ରଶିଳ୍ପୀ ଅଶୋକ କୁମାର ସେଣ୍ଠଙ୍କୁ ଚିକିତ୍ସା ପାଇଁ ସଂସ୍କୃତି ବିଭାଗ ତରଫରୁ ସହାୟତା

ଭୁବନେଶ୍ୱର,୦୨।୧୦ (ନି.ପ୍ର): ବରିଷ୍ଠ ଚିତ୍ରଶିଳ୍ପୀ ତଥା ଭଦ୍ରକ ଚାରୁ ଓ ଚାରୁକଳା ମହାବିଦ୍ୟାଳୟର ବ୍ୟବହାରିକ କଳା ବିଭାଗର ଅଧ୍ୟାପକ ଅଶୋକ କୁମାର ସେଣ୍ଠ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆହତ ହୋଇ ସେପ୍ଟେମ୍ବର ୨୬ ତାରିଖଠାରୁ ଭୁବନେଶ୍ୱରର ଉତ୍କଳ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ସ୍ପାଇନାଲ୍ କର୍ଡ଼ ଗୁରୁତର ଆଘାତ ହୋି ୨ ଗୋଡ଼ ଏବଂ ୨ ହାତ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । ସେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି । ଏହି ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ସୀମିତ ଆୟ ମଧ୍ୟରେ ଉକ୍ତ ଚିକିତ୍ସା ପାଇଁ ତାଙ୍କ ପୁତ୍ର ଜ୍ୟୋତିରଂଜନ ସେଣ୍ଠ ଓଡ଼ିଶା ଲଳିତ କଳା ଏକାଡେମୀକୁ ସାହାଯ୍ୟ ପାଇଁ ଦରକାସ୍ତ ଲେଖି ଏକାଡେମୀ ସଚିବଙ୍କ ଜରିଆରେ ନିର୍ଦ୍ଦେଶକ ଏବଂ ପ୍ରମୁଖ ଶାସନ ସଚିବ, ମନ୍ତ୍ରୀଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ । କଳାକାର କଲ୍ୟାଣ ପାଣ୍ଠିରୁ ଏକ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରସ୍ତୁତ କରାଯାଇ ତାଙ୍କ ପୁତ୍ରଙ୍କୁ ହସ୍ତାନ୍ତର କରାଯାଇଛି ।

## ଘୁ.ଉଦୟଗିରିର ଆଦିବାସୀ ନେତା ଦାମୋଦର ପ୍ରଧାନଙ୍କ ଦେହାନ୍ତ

କନ୍ଧମାଳ,୦୨।୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାର ଘୁ ଉଦୟଗିରି ବ୍ଲକର ଟାଣୁଆ ଆଦିବାସୀ ନେତା ଦାମୋଦର ପ୍ରଧାନଙ୍କ ୮୧ ବର୍ଷରେ ପରଲୋକ ଗମନ ହୋଇଛି । ପରିବାର ସଦସ୍ୟଙ୍କ ସୂଚନା ଅନୁସାରେ ବୁଧବାର ସକାଳେ ଦାମୋଦର ଅସୁସ୍ଥ ଅନୁଭବ କରିଥିଲେ ଏବଂ ସକାଳ ୯ଟାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଦାମୋଦରଙ୍କ ମୃତ୍ୟୁ ଖବର ପ୍ରସାରିତ ହେବାପରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି । ଦାମୋଦରଙ୍କୁ ଅଂଚଳର ଲୋକେ ଦାମ ଆବା ବୋଲି ସମ୍ବୋଧନ କରୁଥିଲେ ।ସେ ଥିଲେ ସମସ୍ତଙ୍କର ଅତି ପ୍ରିୟ ଅବା ବା ନନା ।ଅନେକ ସମୟରେ ଅଂଚଳବାସୀଙ୍କ ସହ ବିଭିନ୍ନ ଉନୟନ ମୂଳକ କାର୍ଯ୍ୟରେ ନିଜକୁ ନିୟେଜିତ କରି ସମସ୍ତଙ୍କ ସହ ଭାଇ ଚାରା ସୃଷ୍ଟି କରି ଆସୁଥିଲେ ।ସେ କେବଳ ଘୁ ଉଦୟଗିରି ବ୍ଲକର ଟାଣୁଆ ନେତା ନଥିଲେ ସମଗ୍ର ଜିଲ୍ଲାର ଟାଣୁଆ ନେତା ଥିଲେ । ସେ ଥିଲେ ଜଣେ ଖେଳ ପ୍ରେମୀ, ସମାଜସେବୀ, ମାନବ ପ୍ରେମୀ, ମେଳପି ମିଷ୍ଟଭାଷି ହୋଇଥିବାରୁ ସମସ୍ତଙ୍କର ଅତି ପ୍ରିୟ ହୋଇପାରିଥିଲେ ।ସେ ୧୯୭୪ ମସିହାରେ ବିଧାୟକ ଭାବେ ନିର୍ବାଚନକୁ ଓହ୍ଲାଇ ପରାଜିତ ହୋଇଥିଲେ । ଆଜି ଅପରାହ୍ନରେ ତାଙ୍କର ଶବ ସତ୍କାର କରାଯାଇଥିଲା । ଏହି ସମୟରେ ତାଙ୍କର ଦୁଇ ପୁଅ ବଳରାମ ପ୍ରଧାନ ଓ ହୃଷିକେଶ ପ୍ରଧାନଙ୍କ ସମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଅସହାୟା ମହିଳାଙ୍କ ଚିକିତ୍ସା ଖର୍ଚ୍ଚ ବହନ ପାଇଁ ପ୍ରତିଶୃତି ଦେଲା ହାପିକ୍ଲବ୍

ଭଦ୍ରକ, ୨/୧୦ (ହି.ସ.) - ଏହି ଜିଲାର ବନ୍ତ ବ୍ଲକ୍‌ର ସ୍ୱେଚ୍ଛାସେବୀ ସଂଗଠନ ହାପି କ୍ଲବ୍‌ର ସଭ୍ୟ ମାନେ ଜଣେ ରୋଗାଗ୍ରସ୍ତ ମହିଳାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଏହି ବ୍ଲକ୍ କେନ୍ଦୁଆପଦା ପଂଚାୟତ ଗଣ୍ଡଗରା ଗ୍ରାମର ଅନନ୍ତ ସେଠୀଙ୍କ ପରିବାର ଆର୍ଥିକ ଦୂରାବସ୍ଥା ଦେଇ ଗତି କରୁଥିଲା ବେଳେ ଗତ କିଛି ମାସ ତଳେ ତାଙ୍କର ସ୍ତ୍ରୀ ରମାମଣୀ ସେଠୀ ଗର୍ଭାଶୟ ରୋଗରେ ପିଡ଼ୀତ ହୋଇଥିଲେ । କିନ୍ତୁ ଅର୍ଥ ଅଭାବରୁ ଚିକିତ୍ସିତ ହୋଇପାରୁନଥିଲେ । ଖବରପାଇ ହାପି କ୍ଲବ୍‌ର ସମ୍ପାଦକ ସତ୍ୟବ୍ରତ ଜେନା, କୋଷାଧ୍ୟକ୍ଷ ସୁକାନ୍ତ ସାହୁ, ମାନସ ଜେନା ପ୍ରମୁଖ ତାଙ୍କ ପାଖରେ ପହଂଚି ସମସ୍ତ ବୁଝିଥିଲେ । ପରେ ଭଦ୍ରକର ଏକ ଘରୋଇ ହସ୍ପିଟାଲରେ ଯୋଗାଯୋଗ କରି ରୋଗାଗ୍ରସ୍ତ ମହିଳାଙ୍କର ଅସ୍ତ୍ରୋପଚାର କରାଇବା ସହ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ସଂମ୍ପୃକ୍ତ ପରିବାରକୁ ପ୍ରତିଶୃତି ଦେଇଛନ୍ତି ।

## ଚିକିତ୍ସା ପାଇଁ ଏ ଦୁଆର ସେ ଦୁଆର ହୋଇ ଶେଷରେ ଆଖି ବୁଜିଲେ କର୍କଟ ରୋଗୀ ଭାଗିରଥି

### ମୃତ୍ୟୁର ବାଟ ଚାହିଁ ବସିଛନ୍ତି ପକ୍ଷାଘାତ ରୋଗୀ ପିତା

କନ୍ଧମାଳ,୦୨।୧୦ (ନି.ପ୍ର): ନିଜର କର୍କଟ ରୋଗ ପାଇଁ ଏବଂ ତାଙ୍କ ପିତାଙ୍କର ପକ୍ଷାଘାତ ରୋଗର ଚିକିତ୍ସା ପାଇଁ ସରକାରୀ ସହାୟତା ଆଶାରେ ଅପେକ୍ଷାରେ ଶେଷରେ ଆଖି ବୁଜିଲେ କର୍କଟ ପିଡ଼ିତ ଭାଗିରଥି ବେହେରା । ଏପରି ସ୍ଥିତିରେ ନିଜର ମୃତ୍ୟୁ ଅପେକ୍ଷାରେ ରହିଛନ୍ତି ତାଙ୍କର ପିତା କୁଞ୍ଜବିହାରୀ ବେହେରା । କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରୁକୁମ୍ପା ପଂଚାୟତରେ ନେଡ଼ିଗୁଡ଼ା ଗ୍ରାମର କର୍କଟ ଜଣେ ଗରିବ ନିସହାୟ କର୍କଟ ରୋଗୀ ଥିଲେ ଭାଗିରଥି । ଯେଉଁ ବୟସରେ ରୋଜଗାର କରିବା କଥା ସେହି ବୟସରେ କର୍କଟ ରୋଗ ଯୋଗୁଁ ସେ ଘରେ ପଡ଼ିରହିଥିଲେ । ତାଙ୍କ ପରିବାରର ସେ ଜଣେ ମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାବେଳେ ତାଙ୍କୁ ଏହି ଅସାଧ୍ୟ ରୋଗ ହେବାପରେ ତାଙ୍କର ରୋଜଗାରରେ ପଡିଲା ଜବନିକା । ତେବେ ରୋଗର ଚିକିତ୍ସା ପାଇଁ ସରକାରୀ ସହାୟତା ମିଳିବା ଅପେକ୍ଷାରେ ଏ ଦୁଆର ସେ ଦୁଆ ହୋଇ ତାଙ୍କର ଜୀବନ ଗଲା ଏବେବି ତାଙ୍କ ବାପା କୁଞ୍ଜ ବିହାରୀ ବେହେରା ପକ୍ଷାଘାତ ରୋଗରେ ପିଡ଼ିତ । ଦୀର୍ଘଦିନ ହେଲା ବାପା-ପୁଅ ରୋଗାଗ୍ରସ୍ତ ହୋଇ ଘରେ ପଡ଼ିରହିଥିବା ବେଳେ ପରିବାର ଚଳାଇବା ମଧ୍ୟ କଷ୍ଟଦାୟକ ସେମାନଙ୍କ ପାଇଁ । ଗୋଟିଏ ପଟେ ରୋଜଗାର ବନ୍ଦ ଅନ୍ୟପଟେ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକ ଚିନ୍ତାରେ ଉଭୟ ବାପା-ପୁଅ ସମେତ ପରିବାର ସମେସ୍ତ ଚିନ୍ତାରେ ପଡ଼ିଥିବା ବେଳେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଥମେ ଏକ ଡାକ୍ତରୀ ଦଳ ତାଙ୍କ ଘରେ ପହଂଚି କେବଳ ସେମାନଙ୍କୁ ଦେଖିଦେଇ ଚାଲି ଯାଇଥରଲେ । ହେଲେ ସେମାନଙ୍କର ସହାୟତା ପାଇଁ କୌଣସି ପ୍ରକାର ଚିକିତ୍ସା ବ୍ୟବସ୍ଥା କରିନଥିଲେ । ପରେ ଉକ୍ତ ପରିବାର ପାଖରେ ସ୍ୱେଚ୍ଛାସେବୀ ପହଂଚି ସେମାନଙ୍କୁ କିଛି ସହାୟତା ଦେବା ସହିତ ପ୍ରଶାସନକୁ ଚିକିତ୍ସା ପାଇଁ ମଧ୍ୟ ଅବଗତ କରିବା ପରେ କର୍କଟ ରୋଗରେ ପିଡ଼ିତ ଥିବା ପୁଅ ଭାଗିରଥିଙ୍କୁ ପ୍ରଥମେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ସେଠାରେ ଚିକିତ୍ସା ପାଇଁ ପ୍ରଚେଷ୍ଟ ଆରମ୍ଭ ହୋଇଥିଲା । ସେଠାରୁ କଟକ କ୍ୟାନସର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ କୋଭିଡ଼୍ ପରୀକ୍ଷାରେ ବିଳମ୍ବ ଯୋଗୁଁ ତାଙ୍କୁ କ୍ୟାନସର ୱାର୍ଡ଼ରେ ଭର୍ତି କରିବାରେ ମଧ ବିଳମ୍ବ ଘଟିଥିଲା । ସେଠାରେ ଚିକିତ୍ସା ପାଇଁ ଅପେକ୍ଷା କରି ଜୀବନ ଚାଲିଯାଇଥିଲା ଭାଗିରଥିଙ୍କର । ପରିବାର ଲୋକେ ବହୁ କଷ୍ଟରେ ନିଜ ଖର୍ଚ୍ଚରେ ତାଙ୍କର ମୃତହେହ ଆଣିଥିଲେ ନିଜ ଗ୍ରାମକୁ । ପ୍ରଶାସନର ଅବହେଳା ଅଭିଯୋଗ କରି ଭାଗିରଥିଙ୍କ ମୃତ୍ୟୁପରେ ତାଙ୍କ ଗ୍ରାମବାସୀଙ୍କ ମଧ୍ୟରେ ଅସେନ୍ତାଷ ଦେଖାଯାଇଥିଲା । ପରିସ୍ଥିତି ଉତେଜନା ପୁର୍ଣ୍ଣ ହେବାରୁ ଏହି ଖବର ପାଇ ଖଜୁରିପଡ଼ା ବି.ଡି.ଓ ରବିନ୍ଦ୍ରନାଥ କହଁର , ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର ଓ ଅନ୍ୟମାନେ ପହଂଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ରେଡ଼କ୍ରସ୍ ପାଣ୍ଠିରୁ ପରିବାରକୁ ତୁରନ୍ତ ୧୦ ହଜାର ଟଙ୍କା ସହିତ ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ତାଙ୍କର ସ୍ତ୍ରୀଙ୍କୁ ବିଧବା ଭତା ସହିତ ଝିଅକୁ ପାଠ ପଢାରେ ସହଯୋଗ ପାଇଁ ମଧ ଗ୍ରାମବାସୀ ମାନେ ଦାବୀ କରିବା ସହିତ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ପାଣ୍ଠିରୁ ତୁରନ୍ତ ତାଙ୍କ ପରିବାରକୁ ୨୦ ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

## ଆଖି ବୁଜିଲେ କୋଭିଡ଼୍-୧୯ ଯୁଦ୍ଧା

ବାରିପଦା,୦୨।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶାମାଖୁଂଟା ବ୍ଲକ ଅଧୀନ ବଡ଼କୁଲିଡ଼ିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ତରେଇ(୫୨) କରୋନାରେ ଆକ୍ରାନ୍ତ ହୋଇ ସ୍ଥାନୀୟ ବାଙ୍କିଶୋଳସ୍ଥିତ କୋଭିଡ଼ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ସେପ୍ଟେମ୍ବର ୨୯ରେ ସବୁ ଦିନ ପାଇଁ ଆଖି ବୁଜି ଦେଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ଉପସ୍ଥିତିରେ ବିଜୟରାମଚନ୍ଦ୍ରପୁରସ୍ଥିତ ଶ୍ମଶାନରେ ତାଙ୍କର ଶବକୁ ସତ୍କାର କରାଯାଇଥିବା ସମୟରେ ଏକ ମାତ୍ର ପୁଅ ସୁନୀଲ ତରେଇ ମୁଖାଗ୍ନି ପ୍ରଦାନ କରିଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତ ତରେଇ ଜଣେ ମେଳାପି, ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଶିକ୍ଷକ ମହଲ ସହ ରଙ୍ଗାମାଟିଆ ଅଂଚଳରେ ଶୋକର ଛାୟା ଖେଳାଇ ଯାଇଥିଲା । ଘରେ ତାଙ୍କର ବିଧାବା ପତ୍ନୀ ଗୌରୀ ତରେଇଙ୍କ ସହ ଏକ କନ୍ୟା ଓ ପୁତ୍ର ରହିଛନ୍ତି ।

## ନଡ଼ିଆ ଷଢ଼େଇରେ ମାସ୍କ ତିଆରି କରି ଚର୍ଚ୍ଚାରେ ସେବାୟତ

ପୁରୀ,୦୨।୧୦ (ନି.ପ୍ର): ଶ୍ରୀମନ୍ଦିରର ଖୁଂଟିଆ ସେବାୟତ ହଜୁରୀ ଭୀମସେନ ଖୁଂଟିଆ ଦେଶୀ ଉପାୟରେ ନଡ଼ିଆ ଷଢ଼େଇରେ ମାସ୍କ ନିର୍ମାଣ କରି ପିନ୍ଧୁଛନ୍ତି । ସେ କହିଛନ୍ତି ଯେ, ଏହି ମାସ୍କ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ହୋଇଛି । ଷଢ଼େଇଟି ମୁହଁର ନାକ ଉପରେ ରହିଛି । ଏବଂ ଷଢ଼େଇ ଭିତରେ ଦୁଇ ପରସ୍ତର କପଡ଼ା ରହିଛି । ନିଶ୍ୱାସ ପ୍ରଶ୍ୱାସ ନେବା ପାଇଁ ସମ୍ପୂର୍ଣ୍ଣ ସୁବିଧା ହେଉଛି । ଏଥିସହ ସେ କହିଛନ୍ତି ଯେ, ଶହେ ବର୍ଷରେ ଥରେ ଏପରି ମହାମାରୀ ଆସିଥାଏ । ଶ୍ରୀଜୀଉଙ୍କ ଦୟାରୁ ମହାମାରୀ ଶୀଘ୍ର ଓଡ଼ିଶାରୁ ଫେରିଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି । ଏପରକି ସମ୍ପ୍ରତି ମାଳିକା ବଚନ ଅକ୍ଷରେ ଅକ୍ଷରେ ସତ ହେଉଥିବା ସେ ଦର୍ଶାଇଛନ୍ତି ।

## କରୋନା ମେଡିସିନ୍ ଫେଭିପିରାଭିର କାହା ପାଇଁ ! : ସନ୍ଦେହ ଘେରରେ ୩ଟି ଦୋକାନକୁ ବିକ୍ରି ପାଇଁ ଅନୁମତି

ଭଦ୍ରକ, ୨/୧୦ (ହି.ସ.) - କରୋନାକୁ ନେଇ ସବୁଠି ଆତଙ୍କ । କେବେ ବାହାରିବ ଭେକସିନ୍ ତାହାକୁ ନେଇ ଲୋକଙ୍କ ମଧରେ ରହିଛି ଉତ୍କଣ୍ଠା । ଋଷରୁ ଆସିବ ନା ଆମ ଦେଶର ଭେକସିନ୍ ପ୍ରଥମ ଆସିବ ଏହିପରି ବିଭିନ୍ନ ଆଶା ଓ ଆଶଙ୍କା ମଧରେ ରହିଛନ୍ତି ସମସ୍ତେ । କରୋନା ଆତଙ୍କିତ ବ୍ୟକ୍ତିବିଶେଷ ଏହି ଟୀକା ବା ଭେକସିନ୍‌କୁ ଚାତକ ପରି ଚାହିଁ ବସିଛନ୍ତି । କାରଣ ଏହି ଭେକସିନ୍ ରୋଗ ପ୍ରତିରୋଧକ ଶକ୍ତି ବା ଆ ବିଡି ସୃଷ୍ଟି କରିବ । କିନ୍ତୁ ଇତିମଧରେ କେତେକ ଭାରତୀୟ କଂପାନୀ ଉଚ୍ଚମାନର କରୋନା ଔଷଧ ପ୍ରସ୍ତୁତ କରିଛନ୍ତି । ଏହାର କମ୍ପୋଜିସନ ନାମ ହେଉଛି ଫେଭିପିରାଭିର । ଯାହାକି ୨୦୦ ଏମ୍‌ଜି ଓ ବଟିକା ଆକାରରେ ଉପଲବ୍ଧ । ଆଇସିଏମ୍‌ଆରର ଅନୁମତି ପରେ ଦେଶର ୪ଟି କଂପାନୀ ସେମାନଙ୍କ ଏହି ଉତ୍ପାଦର ବଜାର ପ୍ରବେଶ କରାଇ ସାରିଛନ୍ତି । ଭାସିଯାଉଥିବା ବେଳେ କୁଟାଖିଅ ଭରସା ପରି ଏହି ମେଡିସିନ୍‌କୁ ମଧ ଚାତକ ପରି ଚାହିଁ ବସିଛନ୍ତି ଲୋକେ । କିନ୍ତୁ ଏହାର ବିତରଣ ଦିଗରେ ପ୍ରଶାସନ ଲଗାଇଥିବା କଟକଣା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଅବଶ୍ୟ ଏହି ଔଷଧର ବିକ୍ରୀ ପାଇଁ ପଠୋର ନିୟମ ରହିଛି । ସୂଚନା ଅନୁଯାୟୀ ଭଦ୍ରକ ଜିଲାରେ ୧ ହଜାରରୁ ଅଧିକ ଛୋଟବଡ ଔଷଧ ଦୋକାନ ଥିବା ବେଳେ ଡ୍ରଗସ୍ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟେକ ବ୍ଲକ୍‌ରେ କେବଳ ଗୋଟିଏ ଓ ଭଦ୍ରକ ପୌରା ଳରେ ୩ଟି ଦୋକାନକୁ ଏହି ଔଷଧ ବିକ୍ରି ପାଇଁ ଅନୁମତି ମିଳିଛି । ସହରା ଳ ମଧରେ କେବଳ ନୂଆବଜାର ଗାନ୍ଧି ପଡିଆ ନିକଟସ୍ଥ ପାଢୀ ନର୍ସିଂହୋମ୍, ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଲାଇଫ୍ ଲାଇନ୍ ମେଡିସିନ୍ ଷ୍ଟୋର, ବନ୍ତଛକରେ ଥିବା ତୁଳସୀ ମେଡିସିନ୍ ଷ୍ଟୋର । ସହର ମଧରେ ପ୍ରାୟ ୨ ଶହରୁ ଅଧିକ ଦୋକାନ ଥିଲେ ମଧ କେବଳ ଏହି ୩ଟି ଦୋକାନକୁ କେଉଁ ଆଧାରରେ ଉକ୍ତ ଔଷଧର ବିକ୍ରି ପାଇଁ ଭେଷଜ ନିରୀକ୍ଷକ ମନୋତୀ କଲେ ତାହା ପୌରବାସୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ସହ ନିରାଶ କରିଛି । ଯାହାକି ଡ୍ରଗସ୍ ଇନ୍ସପେକ୍ଟର କାର୍ଯ୍ୟାଳୟ କାର୍ଯ୍ୟଶୈଳୀକୁ ସନ୍ଦେହ ଘେରକୁ ଆଣିଛି । କାରଣ ସହର ମଧରେ ବିଳାସିନୀ ଏଣ୍ଡ ସନ୍‌ସ୍ ହେଉଛି ଶତାଧିକ ବର୍ଷର ପୁରୁଣା ଓ ସର୍ବପୁରାତନ ଔଷଧ ଦୋକାନ । ସେହିପରି ମେଡିକାଲ ଛକରେ ଥିବା ଦୀନଦୟାଳ ମେଡିସିନ୍ ଷ୍ଟୋର, ପ୍ରଶାନ୍ତି, କୋର୍ଟ ଗଳିରେ ମମତା, ଟାଉନ୍‌ହଲ ଛକରେ ମାମା, ଅପତିର୍ବିନ୍ଧା ଛକରେ ଚକାଡୋଳା ମେଡିସିନ୍ ଷ୍ଟୋର ପରି ବହୁ ପୁରୁଣା ନିର୍ଭରଯୋଗ୍ୟ ଔଷଧ ଦୋକାନ ରହିଛି । ଲକଡାଉନ୍ ଓ ସଟଡାଉନ୍ ସମୟରେ ଜିଲା ପ୍ରଶାସନ ସାଧାରଣ ଲୋକଙ୍କ ଜରୁରୀ ଆବଶ୍ୟକତା ଯେଉଁ କେତେକ ହାତଗଣତି ଔଷଧ ଦୋକାନକୁ ଖୋଲିବାକୁ ଅନୁମତି ଦେଇଥିଲେ । ଉପରୋକ୍ତ ଦୋକାନ ସେଥିରେ ଅନ୍ତର୍ଭୁକ୍ତ । ଏ ସମସ୍ତ ମେଡିସିନ୍ ଦୋକାନ ନିର୍ଭରଯୋଗ୍ୟ ହୋଇଥିବା ବେଳେ ପ୍ରଶାସନ ଏ ସମସ୍ତ ଦୋକାନକୁ ଅଣଦେଖା କରିଛି । ଯାହାକି ପୌରବାସୀଙ୍କୁ କ୍ଷୁବ୍ଧ କରିଛି । ଏହାବ୍ୟତୀତ ସହର ମଧରେ ଯେଉଁ ପ୍ରତିଷ୍ଠିତ ମେଡିସିନ୍ ବିଶେଷଜ୍ଞ ଡାକ୍ତରଙ୍କ କ୍ଲିନିକ୍ ନିକଟରେ ଔଷଧ ଦୋକାନ ରହିଛି, ସେଗୁଡିକୁ ମଧ ଉକ୍ତ କରୋନା ଔଷଧ ବିକ୍ରିର ସୁଯୋଗ ମିଳିନାହିଁ । ସରକାରଙ୍କ ନିର୍ଦ୍ଦେଶରେ ଅଳ୍ପ କେତେକ ଦୋକାନକୁ ଉକ୍ତ ଔଷଧ ବିକ୍ରି ପାଇଁ ଅନୁମତି ଦିଆଯାଇଛି । ପରବର୍ତୀ ନିର୍ଦ୍ଦେଶ ଅନୁସାରେ ଅଧିକ ଦୋକାନକୁ ଅନୁମତି ଦିଆଯିବ ବୋଲି ଡ୍ରଗସ୍ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ସରକାରୀ ନିର୍ଦ୍ଦେଶନାମାରେ କେଉଁ ଦୋକାନରେ ଉକ୍ତ ଔଷଧ ବିକ୍ରି ହେବ, ସେଥିନେଇ କୌଣସି ମାପଦଣ୍ଡ ନାହିଁ । ତେଣୁ ଏହି ଔଷଧକୁ ସବୁଠି ବିକ୍ରିର ସୁଯୋଗ ଦେବାକୁ ଦାବି ହୋଇଛି । ଯାହାକି କରୋନା ଆତଙ୍କରେ ଆତଙ୍କିତ ସହରବାସୀଙ୍କୁ ଆଶ୍ୱସ୍ତ କରିବ ।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ଫୁଲବାଣୀରେ ରକ୍ତଦାନ ଶିବିର

କନ୍ଧମାଳ,୦୨।୧୦ (ନି.ପ୍ର): ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ ଆଜି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା । ଆୟୋଜିତ ଏହି ଶିବିରରେ ପ୍ରଥମେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସୁନିଲ କୁମାର ବେହେରା ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ । ଏଥିରେ ରକ୍ତଦାତା ତଥା ସ୍ୱେଚ୍ଛାସେବୀ ଭି.ଲୋକନାଥ ରାଜୁ ସହଯୋଗ କରିଥିଲେ । ଫୁଲବାଣୀ ରକ୍ତ ଭଣ୍ଡାରର ଟେକନିସିଆନ ଶରତ ଚନ୍ଦ୍ର ଭଞ୍ଜ, ଦିନକୃଷ୍ଣ ମହନ୍ତ, ତୁଷାରକାନ୍ତ ପ୍ରଧାନ ଓ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଶିବିରକୁ କୋଭିଡ୍ ନିୟମ ଅନୁସାରେ ସାମାଜିକ ଦୂରତା ବଜାୟ ରଖି ଆୟୋଜନ କରାଯାଇ ଥିବାବେଳେ ଏଥିରେ ମୋଟ୍ ୧୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ ହୋଇ ପାରୁନଥିବାରୁ ଫୁଲବାଣୀ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି । କେବଳ ଫୁଲବାଣୀର ରକ୍ତଦାତାମାନେ ସ୍ୱେଚ୍ଛାକୃତ ଭାବରେ ଆସି ଡାକ୍ତରଖାନାର ରୋଗୀ ମାନଙ୍କର ରକ୍ତର ଆବଶ୍ୟକତା ପୂରଣ କରୁଛନ୍ତି । ରକ୍ତଭଣ୍ଡାରରେ କିଛି କର୍ମଚାରୀ ମଧ କରୋନାରେ ସଂକ୍ରମିତ ହେବା ଯୋଗୁଁ ରକ୍ତଦାତା ମାନଙ୍କର ମନରେ ଭୟ ସୃଷ୍ଟି ହୋଇଛି ରକ୍ତ ଭଣ୍ଡାରକୁ ଆସି ରକ୍ତ ଦାନ କରିବାକୁ । ତଥାପି ରୋଗୀଙ୍କୁ ରକ୍ତ ଯୋଗାଇ ଦେବା କାର୍ଯ୍ୟ କିଛି ସ୍ୱେଚ୍ଛାସେବୀଙ୍କ ସହାୟତାରେ ଜାରୀ ରହିଛି ।

## ବିଦ୍ୟୁତ ଦର ବୃଦ୍ଧି ପ୍ରତ୍ୟାହାର ଦାବୀରେ ସବ୍‌ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୦୨।୧୦ (ନି.ପ୍ର): ବିଦ୍ୟୁତ୍ ଦର ବୃଦ୍ଧି ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଭୁବନେଶ୍ୱର ଜିଲ୍ଲା ବିଜେପି ତରଫରୁ ୮ଟି ସବ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ କହିଛନ୍ତି ଯେ କୋଭିଡ୍-୧୯ ଭଳି ସଂକଟ ସମୟରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ରାଜ୍ୟ ସରକାର ବର୍ଦ୍ଧିତ ୟୁନିଟ ପିଛା ୨୦ ପଇସା ବିଦ୍ୟୁତ ଶୁଳ୍କର ବୋଝ ରାଜ୍ୟବାସୀଙ୍କ ଉପରେ ଲଦିବାକୁ ଯାଉଛନ୍ତି । ଗୋଟିଏ ପଟେ ବଡ ବଡ କଂପାନୀମାନଙ୍କ ଉପରେ ହଜାର ହଜାର କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ବକେୟା ଆଦାୟ କରିବାରେ ବିଫଳ ହୋଇଥିବା ରାଜ୍ୟ ସରକାର ସରଳ ରାଜ୍ୟବାସୀଙ୍କ ଉପରେ ବୋଝ ଲଦି ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଆଗାମୀ ଦିନରେ ଏହି ବିକ୍ଷୋଭ ଏବଂ ଆନ୍ଦୋଳନ ଆହୁରି ଅଧିକ ବ୍ୟାପକ ହେବ ବୋଲି ଶ୍ରୀ ସିଂ କହିଛନ୍ତି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ୟୁନିଟ-୨ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ସବ୍ ଡିଭିଜନ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଶ୍ରୀ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଅଭିଷେକ ଆଚାର୍ଯ୍ୟ, ମଣ୍ଡଳ ସଂଯୋଜକ ଫିରୋଜ ଖାନ ପ୍ରମୁଖ ଉପସ୍ଥିତିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସେହିପରି ପାୱାର ହାଉସ୍ ଛକରେ ମଣ୍ଡଳ ସଂଯୋଜକ ଜଗନ୍ନାଥ ବେହେରା, ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ମହାନ୍ତି; ରସୁଲଗଡଠାରେ ପୂର୍ବତନ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ବାଣୀବିହାର ମଣ୍ଡଳ ସଂଯୋଜକ ଦେବ ପଟ୍ଟି, ବୁଦ୍ଧେଶ୍ୱରୀ ମଣ୍ଡଳ ସଂଯୋଜକ ସନ୍ତୋଷ ଜେନା; ଚନ୍ଦ୍ରଶେଖରପୁରଠାରେ ମଣ୍ଡଳ ସଂଯୋଜକ ଦାମୋଦର ବେହେରା, ପୂର୍ବତନ ମଣ୍ଡଳ ସଭାପତି ମାନସୀ ରାୟ ପାଢୀ, ପୂର୍ବତନ ଜିଲ୍ଲା ସାଧାରଣ ସଂପାଦକ ସୁଶାନ୍ତ ସାବତ; ଆଇଆରସି ଭିଲେଜଠାରେ ଅଂଜନ ନାଥ, ଯୁବନେତା ଲୁଲୁ କାନୁନଗୋ; ଖଣ୍ଡଗିରିଠାରେ ମଣ୍ଡଳ ସଂଯୋଜକ ରାମଚନ୍ଦ୍ର ମାନସିଂହ, ପୂର୍ବତନ କର୍ପୋରେଟର ରଘୁନାଥ ମହାନ୍ତି, ବିଜେବି ନଗରଠାରେ ରାଜାରାଣୀ ମଣ୍ଡଳ ସଂଯୋଜକ ଅମରଜ୍ୟୋତି ଜଗଦେବ, ଗ୍ରାମୀଣ ମଣ୍ଡଳ ସଂଯୋଜକ ଅରୁଣ ପୁରୋହିତ ଏବଂ ଶହୀଦନଗରଠାରେ ମଣ୍ଡଳ ସଂଯୋଜକ ଶଶୀପ୍ରଭା ଶତପଥୀ, ଜିତେନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ରହି ବିରୋଧ ପ୍ରଦର୍ଶନ କରିଥିଲେ ।

## ଆରଡ଼ିଏସି ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଭୌତିକ ଚିକିତ୍ସା ଶୁଭାରମ୍ଭ

ବାରିପଦା,୦୨।୧୦ (ନି.ପ୍ର): ଅକ୍ଟୋବର ୧ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅବସରରେ ମୟୂରଭଞ୍ଜ ସୁନାମୁହିଁସ୍ଥିତ ଆରଡ଼ିଏସି ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ଶାରିରୀକ ସୁସ୍ଥତା ରକ୍ଷା ଉଦ୍ଦେଶ୍ୟରେ ଭୌତିକ ଚିକିତ୍ସା କେନ୍ଦ୍ର ଶୁଭାରମ୍ଭ କରାଯାଇଥିବା ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ବିନ୍ଧାଣି ଏହାକୁ ଶୁଭ ଉଦଘାଟନ କରିଥିଲେ । ଉକ୍ତ କେନ୍ଦ୍ରରେ ବିଭିନ୍‌ନ ଆଧୁନିକ ଭୌତିକ ଯନ୍ତ୍ରପାତି ମାଧ୍ୟମରେ ଏବଂ ଅଭିଜ୍ଞ ଚିକିତ୍ସାକମାନଙ୍କ ଦ୍ୱାରା ଦୈନିକ ବିଭିନ୍ନ ପ୍ରକାରର ବ୍ୟାୟାମ କରାଯିବା ସହ ଚିକିତ୍ସାର ବ୍ୟବସ୍ଥା ରହିଛି । ଆଜିର ପ୍ରଥମ ଦିନରେ ବିଭିନ୍ନ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ପିଲାମାନେ ଯୋଗ ଦେଇ ଭୌତିକ ଯାନ୍ତ୍ରିକ ପଦ୍ଧତି ଦ୍ୱାରା ଚିକିତ୍ସା ହୋଇଥିଲେ ବୋଲି ଆରଡ଼ିଏସି ସମ୍ପାଦକ ବିଜୟ କୁମାର ବେହେରା ସୂଚନା ଦେବା ସହ ୬୦ ବର୍ଷରୁ ଅଧିକ ଯେ କୌଣସି ଆଧାର କାର୍ଡ଼ ଦେଖାଇ ମାଗଣାରେ ଏହି ଚିକିତ୍ସା ପଦ୍ଧତିର ସୁଯୋଗ ନେଇ ପାରିବେ ବୋଲି ପ୍ରକାଶ କରିଥିଲେ ।

## ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ନହେଲେ ଆନ୍ଦୋଳନକୁ ଓହ୍ଲାଇବ ସିପିଆଇ

କେନ୍ଦ୍ରାପଡା,୦୨।୧୦ (ନି.ପ୍ର): କୋଭିଡ୍ ମହାମାରୀ ସମୟରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଅସହାୟ ବ୍ୟକ୍ତିମାନେ ଖାଇବାକୁ ପାଉ ନଥିବା ବେଳେ ରାଜ୍ୟ ସରକାର ବିଦ୍ୟୁତ୍ ଦର ବୃଦ୍ଧି କରି ଥିବାରୁ କେନ୍ଦ୍ରାପଡା ଜିଲ୍ଲା ସିପିଆଇ କମିଟି ତରଫରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ୍ ବିଭାଗର କେନ୍ଦ୍ରାପଡା ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ପ୍ରଦାନ କରାଯାଇଛି । ବର୍ତମାନ ଘୋର ଆର୍ଥିକ ସଂକଟ ସମୟ ଦେଇ ରାଜ୍ୟ ଗତି କରୁଥିବା ସମୟରେ ବର୍ତମାନ ପରିପ୍ରେକ୍ଷୀରେ ବିଦ୍ୟୁତ୍ ଦର ବୃଦ୍ଧି କରିବା ପରିତାପ ର ବିଷୟ । ସମସ୍ତଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ଥିବା ବେଳେ ବିଦ୍ୟୁତ୍ ବିଭାଗ ଦରବୃଦ୍ଧି ଲାଗୁ କରି ଉପଭୋକ୍ତା ମାନଙ୍କୁ ଶୋଷଣ କରିବାକୁ ସିପିଆଇ ପକ୍ଷରୁ ବିରୋଧ କରାଯାଇଛି । କୋଭିଡ-୧୯ ମହାମାରୀ ସମୟରେ ବର୍ଦ୍ଧିତ ବିଦ୍ୟୁତ୍ ଦରକୁ ତୁରନ୍ତ ପ୍ରତ୍ୟାହର କରିବା ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ନିର୍ବାହୀ ଯନ୍ତ୍ରୀ ସୀମିତ ଦାସଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସିପିଆଇ ର ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସହ ସଂପାଦକ ଆଦିକନ୍ଦ ରାଉଳ, ଏବଂ ଜିଲ୍ଲା ସଭାପତି ବାବାଜୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

# କୁକୁରକୁ ଅବସରକାଳୀନ ସରପ୍ରାଇଜ୍

କୁକୁରଙ୍କ ମଜାଦଦାର କାର୍ଯ୍ୟକଳାପ ସବୁବେଳେ ଇଣ୍ଟରନେଟ୍‌ରେ ଚର୍ଚ୍ଚାରେ ରହିଆସିଛି । ଆମେରିକୀୟ ବାସ୍କେଟ୍‌ବଲ ଖେଳାଳୀ ରେକ୍ସ ଚାପ୍‌ମ୍ୟାନ୍ ଏଭଳି ଏକ ଭିଡିଓ ଶେୟାର କରିଛନ୍ତି, ଯାହା ୟୁଜର୍‌ଙ୍କ ମନୋରଞ୍ଜନର ଖୋରାକ ହୋଇପାରିବ । ବୋମା ଚିହ୍ନଟକାରୀ କୁକୁରର ଏକ ଭିଡିଓ ରେକ୍ସ ଶେୟାର କରିଛନ୍ତି, ଯାହା ତା’ର ଚାକିରିକାଳର ଶେଷ ଦିନ ଥିଲା । ଅବସର ନେବା ଦିନ ଏକ ସୁନ୍ଦର ସରପ୍ରାଇଜ୍ ସେ ପାଇଲା, ଯାହା ଇଣ୍ଟରନେଟ୍‌ରେ ଭାଇରାଲ୍ ହେଉଛି । ‘ଅବସର ପୂର୍ବରୁ କୁକୁରଟି ନିଜର ଶେଷ ସନ୍ଧାନ ପରେ ପୁରସ୍କାର ପାଇଛି’ ବୋଲି ରେକ୍ସ କ୍ୟାପ୍‌ସନରେ ଲେଖିଛନ୍ତି । ଭିଡିଓରେ ଦେଖାଯାଇଛି, କୁକୁରଟି ଏକ ବଖରା ମଧ୍ୟରେ ପ୍ରବେଶ କରୁଛି । ଲାଲ୍, ଧଳା, କଳା, ନୀଳ ବେଲୁନ୍‌ରେ ବଖରାର କାନ୍ଥ ସଜ୍ଜିତ ହୋଇଛି । ଚଟାଣରେ ଏକ ଲାଲ୍ ରଙ୍ଗର ବ୍ୟାଗ୍ ପଡ଼ିଥିବା ଦେଖି କୁକୁରଟି ସିଧା ବ୍ୟାଗ୍ ପାଖକୁ ଦୌଡ଼ିଯାଉଛି ଏବଂ ତାକୁ ଶୁଙ୍ଘିବା ଆରମ୍ଭ କରିଦେଉଛି । ଏପରି କରିବା ପରେ ତା’ର ଶେଷ ସନ୍ଧାନର ଉତ୍ସବ



ପାଳନପୂର୍ବକ ମେଞ୍ଚାଏ ଟେନିସ୍ ବଲ୍ ଚଟାଣରେ ଗଦା ହୋଇପଡୁଛି । ଏହା ପରେ ଉପସ୍ଥିତ ଲୋକମାନେ କୁକୁର ପାଇଁ ସରସ୍ୱର ମଧ୍ୟରେ ଖୁସିର ଆଦାନପ୍ରଦାନ କରୁଛନ୍ତି । କୁକୁରଟି ଖୁବ୍ ଉତ୍ସାହର ସହ ସେମାନଙ୍କ ପାଖରେ ଖେଳୁଛି । ଏହି ବୋମା ସନ୍ଧାନକାରୀ କୁକୁରର ନାଁ ‘ଟିରେଡୋ’ । ୯/୧୧ ଆକ୍ରମଣରେ ପ୍ରାଣ ହରାଇଥିବା ଅଗ୍ନିସମ ଯୋଦ୍ଧା ହେକ୍ଟର ଲୁଇସ୍ ଟିରେଡୋଙ୍କ ନାମ ଅନୁସାରେ ତା’ର ନାମକରଣ ହୋଇଛି । ଟିରେଡୋର ଅବସରକାଳୀନ ସରପ୍ରାଇଜ୍ ଭିଡିଓ ଶେୟାର ହେବା ପରେ ସଙ୍ଗେ ସଙ୍ଗେ ଭାଇରାଲ୍ ହେଲା । ୧୬ ଲକ୍ଷରୁ ଅଧିକ ୟୁଜର୍ ଏହାକୁ ଦେଖିସାରିଲେଣି । ଲକ୍ଷାଧିକ କମେଣ୍ଟ ମଧ ମିଳିଛି ।

# ନାପ୍ ପଡସ୍

ବ୍ୟସ୍ତ ବହୁଳ ଜୀବନରେ ଶାନ୍ତିରେର ଶୋଇବା ପାଇଁ କାହା ପାଖରେ ପର୍ଯ୍ୟାପ୍ତ ସମୟ ନଥାଏ । ନିଦ୍ରା ପୂରଣ ନହେବା ଯୋଗୁଁ ଅବସାଦ ସହିତ ଅନିଦ୍ରା ଭଳି ରୋଗ ହୋଇଥାଏ । ଏହାକୁ ଧ୍ୟାନରେର ରଖି ନ୍ୟୁୟର୍କରର ଏକ କମ୍ପାନୀ ‘ନାପ୍ ପଡସ୍’ ନାମକ ଏକ ଚୌକି ତିଆରି କରିଛନ୍ତି । ଯେଉଁଥିରେ ବିଶ୍ରାମ କରାଯାଇପାରିବ । ଏଠାରେ ୨୦ ମିନିଟ୍ ଶୋଇବା ପାଇଁ ଅର୍ଥ ଦେବାକୁ ପଡ଼ିଥାଏ । କମ୍ପାନୀ ରିପୋର୍ଟ ଅନୁସାରେ, ନାପ୍ ପଡସ୍‌ରେ ୪୫ ମିନିଟ୍ ବିଶ୍ରାମ ନେବା ପାଇଁ ୨୫ ଡଲାର ଦେବାକୁ ପଡ଼ିଥାଏ । ୪୫ ମିନିଟ୍ ନିଦ ଆପଣଙ୍କ ଦିନସାରା ଥକ୍କାପଣର ଦୂର କରିବାରେର ସାହାଯ୍ୟ କରିଥାଏ । ତେବେ ଏହାର କଣ୍ଟେରିୟର୍ ମଧ୍ୟ ଖୁବ୍ ଆରାମ ଦାୟକ । ନରମ ଗଦି ଓ ତକିଆ, ନାପ୍ ପଡସ୍‌ରେର ପଡ଼ିଥାଏ । ଏଥିରେ ଶୋଉଥିବା ବ୍ୟକ୍ତିଙ୍କ ମୁହଁରେ ଆଲୋକ ପଡ଼ିବା ପାଇଁ ମୁଣ୍ଡ ପଟେ ଏକ ଛତା ଭଳି ଗୋଲାକାର ଢାଙ୍କୁଣି ରହିଥାଏ । ଏଠାରେ ଏକ ଇଅରଫୋନ୍ ମଧ୍ୟ ରହିଥାଏ ।




# ପୃଥିବୀର ନିର୍ଜନତମ ସ୍ଥାନ

ଗବେଷକମାନେ ପୃଥିବୀରେ ଏକ ଜଳଭାଗ ଠାବ କରିଛନ୍ତି, ଯେଉଁଠି କୌଣସି ପ୍ରକାର ଜୀବଜଗତରର ସଙ୍କେତ ନାହିଁ । ବସବାସର ସୀମା ସମ୍ପର୍କରେ ସେମାନେ ଅଧିକ ତଥ୍ୟ ଦେଇପାରିବେ ବୋଲି ଆଶାବାଦୀ । ନେଚର ଇକୋଲୋଜି ଆଣ୍ଡ୍ ଇଭୋଲ୍ୟୁସନ୍ ନାମକ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ଅନୁସାରେ, ଇଥିଓପିୟାର ଡଲୋଲ ଭୂତାପକ କ୍ଷେତ୍ରର ଉତ୍ତପ୍ତ, ଲୁଣିଆ ଓ ଉଚ୍ଚମାତ୍ରାର ଅମ୍ଳ ପୋଖରୀରେ କୌଣସି ପ୍ରକାର ସୂକ୍ଷ୍ମ ଜୀବର ଉପସ୍ଥିତି ନାହିଁ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି । ସ୍ପାନିଶ୍ ଫାଉଣ୍ଡେସନ୍ ଫର ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ଗବେଷକଙ୍କ ଅନୁସାରେ, ଏହା ନିରନ୍ତର ବିଷାକ୍ତ ଗ୍ୟାସ୍ ଉତ୍ପନ୍ନ କରୁଛି ଓ ତୀବ୍ର ଜଳତାପୀୟ ଗତିବିଧି ମଧ୍ୟରେ ଏହାର ପାଣି ଫୁଟୁଛି । ଗବେଷକଙ୍କ ଅନୁସାରେ, ଏହା ଆମ ଗ୍ରହର ଅନ୍ୟତମ ଉଷ୍ମ ପରିବେଶ ଯାହା ଶୀତଦିନେ ଦୈନିକ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ । ସେଥିପାଇଁ ଏହାକୁ ସେମାନେ ନିର୍ଜନତମ ସ୍ଥାନ ବୋଲି କହିଛନ୍ତି ।



# ଦୋକାନୀ ବିନା ଚାଲୁଛି ଦୋକାନ

ମିଜୋରାମର ଏକ ମଜାଦାର ପରମ୍ପରାକୁ ନେଇ ଇଣ୍ଟରନେଟ୍‌ରେ ଏବେ ଜୋରଦାର ଚର୍ଚ୍ଚାର ହେଉଛି । ବିଶ୍ୱବାସୀଠାରୁ ଅଧିକ ଶକ୍ତିଶାଳୀ ଏ ବିଶ୍ୱରେ କିଛି ନାହିଁ ବୋଲି ସ୍ପଷ୍ଟ କରିଛି । ‘ମାଇଁ ହୋମ୍ ଇଣ୍ଡିଆ’ ନିଜ ଔପଚାରିକ ଟ୍ୱିଟର୍ ଆକାଉଣ୍ଟରେ ମିଜୋରାମର ‘ଦୋକାନୀବାହୀନ ଦୋକାନ’ ବିଷୟରେ ଏକ ପୋଷ୍ଟ ଶେୟାର କରିଛି । ମିଜୋରାମର ସେଲିଂ ରାଜପଥ କଡ଼ରେ ଅନେକ ଦୋକାନ ରହିଛି, କିନ୍ତୁ ସେଠାରେ ଜଣେ ବି ଦୋକାନୀ ଆପଣଙ୍କୁ ନଜର ଆସିବେ ନାହିଁ । ଏହା ବଦଳରେ ପ୍ରତ୍ୟେକ ଦୋକାନ ନିକଟରେ ଏକ ଜମା ବାକ୍ସ ରଖାଯାଇଛି । ଆପଣଙ୍କର ଯାହା ଆବଶ୍ୟକ, ଦୋକାନରୁ ତାହା ନେଇପାରିବେ ଏବଂ ଜମା ବାକ୍ସରେ ଟଙ୍କା ପକାଇବେ । ଏଠାରେ କେବଳ ବିଶ୍ୱାସ ହିଁ ସବୁକିଛି । ଏହା ଆଧାରରେ ଦୋକାନ ସବୁ ଦୋକାନୀଙ୍କ ବିନା ଚାଲୁଛି । ଏହାକୁ ‘ନଗା ଲୋ ଦ୍ୱାର କଲ୍‌ଚର ଅଫ୍ ମିଜୋରାମ’ ବୋଲି କୁହାଯାଏ, ଯାହାର ଅର୍ଥ ‘ଦୋକାନୀ ବିନା ଦୋକାନ’ । ‘ଯାହା ଇଚ୍ଛା ନେଇଯାଆନ୍ତୁ ଏବଂ ଟଙ୍କା ଜମା ବାକ୍ସରେ ରଖନ୍ତୁ । ଏସବୁ ଦୋକାନ ‘ବିଶ୍ୱାସ’ର ସିଦ୍ଧାନ୍ତ ଉପରେ କାର୍ଯ୍ୟରତ’ ବୋଲି ମାଇଁ ହୋମ୍ ଇଣ୍ଡିଆ କ୍ୟାପ୍‌ସନ ଲେଖିଛି । ଏହି ପରମ୍ପରା ଇଣ୍ଟରନେଟ୍‌ରେ ପ୍ରସାର ହେବା ପରଠୁ



ଟ୍ରେଣ୍ଡରେ ଅଛି । ଅନେକ ୟୁଜର୍ ଏହା ଉପରେ ନିଜ ନିଜ ପ୍ରତିକ୍ରିୟା ଦେଇଛନ୍ତି । ଏଭଳି ଦୋକାନ ସ୍ୱିଜରଲ୍ୟାଣ୍ଡ ଓ ଜର୍ମାନୀରେ ରହିଛି ବୋଲି ଅନେକ ଲେଖିଥିବା ବେଳେ ଭାରତରେ ଏଭଳି ଦୋକାନ ଥିବା ବିଷୟରେ ଜାଣି ଗର୍ବିତ ବୋଲି କିଛି ୟୁଜର୍ ଉଲ୍ଲେଖ କରିଛନ୍ତି ।

## ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

-କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ ଅନେକାଂଶରେର ହ୍ରାସ ପାଇଥଏ ।

-ଲଣ୍ଡନର ଗବେଷକ ଦଳଙ୍କ ମତରେ ଯୋଗ କଲେ ଆମ ମସ୍ତିଷ୍କକୁ ଆବଶ୍ୟକ ପରିମାଣରେ ଅମ୍ଳଜାନ ମିଳେ, ଯାହା କାରଣରୁ ମନ ଶାନ୍ତ ରହୁଥିବାର ପରୀକ୍ଷାରୁ ଜଣାପଡ଼ିଛି ।

-ଯୋଗ ଗୁରୁଙ୍କ ତାମିଲରେ ୧୦ଦିନ କ୍ରମାଗତ ଯୋଗାଭ୍ୟାସ କଲେ ଏହାର ଉତ୍ତମ ପ୍ରଭାବ ଜାଣିହୋଇଥାଏ । ଯୋଗ ଆରମ୍ଭ ପୂର୍ବରୁ କିଛି ସମୟ ଆଖି ବନ୍ଦ କରି ଧ୍ୟାନ କରନ୍ତୁ ।




ରୁଷ୍‌ର ସାଇବେରିଆସ୍ଥିତ ଏକ ଛୋଟ ହ୍ରଦରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ । ଗାଢ଼ ନୀଳ ରଙ୍ଗର ଏହି ହ୍ରଦ କୂଳରେ ବସି ସମୟ କାଟିବାର ଅଭିଜ୍ଞତା ଅଭୁଲା । ତଥାପି ହ୍ରଦଟି ପାଖକୁ ନ ଯିବା ପାଇଁ ନିଷେଧ ଜାରି କରାଯାଇଛି । କାରଣ ଏହା ହ୍ରଦ ଭଳି ଦୃଶ୍ୟମାନ ହେଉଥିଲେ ମଧ୍ୟ ପ୍ରକୃତରେ ବିଷାକ୍ତ ପାଣିରର ଏକ ବିଶାଳ ଜଳାଶୟ । ଏହି ହ୍ରଦ ପାଖରେ ଲୋକେ ଫଟୋ ଉଠାନ୍ତି । ହ୍ରଦର ବିଷାକ୍ତ ପାଣି ବିଷୟରେ ଜଣେ ଯୁବତୀ ସୂଚନା ଦେଇଥିଲେ । ସେ ଏକ ଫଟୋସୁଟ୍ ପାଇଁ ପାରି ମଧ୍ୟକୁ ପ୍ରବେଶ କରିଥିଲେ । ପାଣିରୁ ବାହାରିବା ପରେ ତାଙ୍କ ଦେହରୁ ଲାଲ୍ ଦାଗ ସୃଷ୍ଟି ହୋଇଥିଲା ଓ ଶ୍ୱାସପ୍ରଶ୍ୱାସ ନେବାରେର କଷ୍ଟ ଅନୁଭବ ହୋଇଥିଲା । ନିକଟସ୍ଥ ଏକ ପାୱାର୍ ପ୍ଲାଣ୍ଟ୍‌ରୁ ନିର୍ଗତ ତରଳ ରାସାୟନିକ ବର୍ଜ୍ୟବସ୍ତୁ ଜମା ହୋଇ ଏକ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି । ସହରରର ଲୋକମାନେ ଏହାର ନାମ ଦେଇଛନ୍ତି ‘ସାଇବେରିଆନ୍ ମାଲଦୀଭ୍‌ସ’ । ଏହାର ପାଣରରି ଏତେ ବିଷାକ୍ତ ଯେ ଏଥିରେ କୌଣସି ଜଳଚର ପ୍ରାଣୀ ଜୀବିତ ରହି ପାରନ୍ତି ନାହିଁ ? କିନ୍ତୁ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ କହିବା ହେଲା ଏହି ହ୍ରଦର ପାଣି ବିଷାକ୍ତ ନୁହେଁ, ଅତ୍ୟଧିକ କ୍ଷାରୀୟ ଯୋଗୁ ଏପରି ହୋଇଛି ।

# ମୂଷାଙ୍କ ଆତଙ୍କ

ରେଲୱେ ଷ୍ଟେସନରେ ମୂଷା ବୁଲୁଥିବାର ସମସ୍ତେ ଦେଖିଥିବେ । ଏମାନଙ୍କ ପାଇଁ ଭାରତୀୟ ରେଲୱେର ଲୋକମାନେ ଚିନ୍ତିତ ଥାନ୍ତି । କିଛି ଏପରି ଦୃଶ୍ୟ ଚେନ୍ନାଇ ରେଲୱେ ଷ୍ଟେସନରେ ଦେଖିବାକୁ ମିଳିଛି ଯେଉଁଠାରେ ଚେନ୍ନାଇ ମଣ୍ଡଳର ଲୋକମାନେ ଏତେ ଚିନ୍ତିତ ହୋଇଗଲେ ଯେ ମୂଷା ଧରିବା ପାଇଁ ସେମାନେ ୨୨,୩୩୧ ଟଙ୍କା ଖର୍ଚ୍ଚ କରି ସାରିଛନ୍ତି । ଏହି ଘଟଣାର ସତ୍ୟତା ଆରଟିଓ ରିପୋର୍ଟ ଜରିଆରେ ହୋଇଛି । ସେଠାରେ ଗତ ତିନି ବର୍ଷରେ ରେଲୱେ ଅଧିକାରୀମାନେ ଏହି ବିପଦ ସହିତ ଲଢ଼ିବା ପାଇଁ ୫.୮୯ କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି । ଚେନ୍ନାଇ ମଣ୍ଡଳ କାର୍ଯ୍ୟାଳୟରୁ ଜଣାପଡିଛି ଯେ ମୂଷାମାନଙ୍କ ଯୋଗୁ ଗତ କିଛି ବର୍ଷ ହେଲା ଲୋକମାନେ ସମସ୍ୟା ଭିତରେ ରହିଛନ୍ତି । ମୂଷାମାନେ କେବଳ ରେଲୱେ ଷ୍ଟେସନରେ ଲୋକମାନଙ୍କୁ ଅସୁବିଧାରେ ପକାଉଛନ୍ତି ତା ନୁହେଁ ରେଲୱେ କୋଚିଙ୍ଗ ସେଣ୍ଟରରେ ମଧ ସମସ୍ୟା



କରୁଛନ୍ତି । ୨୦୧୮ରୁ ୨୦୧୯ ମଧରେ ଏହି କାର୍ଯ୍ୟାଳୟ ଅତିକମ୍‌ରେ ୨୬୩୬ଟି ମୂଷା ଧରିଛନ୍ତି । କେବଳ ଚେନ୍ନାଇ ସେଣ୍ଟ୍ରାଲ, ଚେନ୍ନାଇ ଏଗମୋର , ଚେଙ୍ଗଲପଟ୍‌ଟୁ ଜଙ୍କସନ, ତାମ୍ବରମ, ଜୋଲରପେଟ୍‌ଟଙ୍ଗଇ ଜଙ୍କସନରୁ ୧୭୧୫ ମୂଷା ଧରାଯାଇଛି ଓ ୯୨୧ଟି ମୂଷା ରେଲୱେ କୋଚିଙ୍ଗ ସେଣ୍ଟରରୁ ଧରାଯାଇଛି ।

# କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟର ଆବଶ୍ୟକତା

ହୃଦ୍‌ରୋଗ, ରକ୍ତଚାପରୁ ବର୍ତ୍ତିବାକୁ ଚାହୁଁଥିଲେ ତଥା ନିଜ ମାଂସପେଶୀକୁ ଶକ୍ତ କରିବାକୁ ଚାହୁଁଥିଲେ ନିଜ ଖାଦ୍ୟପାନୀୟ ପ୍ରତି ସତର୍କ ହେବା ଜରୁରୀ । ପିଲାଙ୍କ ଭୋଜନ ନିମନ୍ତେ ମା’ମାନେ ପୋଷକତତ୍ତ୍ୱ ଭରପୂର ଖାଦ୍ୟତାଲିକା ପ୍ରସ୍ତୁତ କରିବା ଉଚିତ ।



♦ ଆମେରିକା ଲାଇବ୍ରେରୀ ଅଫ୍ ମେଡିସିନ୍‌ର ତଥ୍ୟ ଅନୁସାରେ, କ୍ୟାଲସିୟମ୍ ଉଚ୍ଚରକ୍ତଚାପ ସହିତ ଅଷ୍ଟିଓପୋରୋସିସ୍ ଜନିତ ରୋଗରୁର ରକ୍ଷା କରେ । କୋଲେଷ୍ଟେରଲ୍ ସ୍ତରକୁ ନିୟନ୍ତ୍ରଣରେର ରଖିବାକୁ ଚାହୁଁଥିଲେ ନିୟମିତ ୧୦୦୦ ମିଲିଗ୍ରାମ୍ ଯୁକ୍ତ କ୍ୟାଲସିୟମ୍ ଭରପୂର ଖାଦ୍ୟପାନୀୟ ସେବନ କରିବା ଉଚିତ ।

♦ ବଜାରରରେ ଓ ଅନ୍-ଲାଇନ୍ ସାଇଟ୍‌ରେ ଏବେ ଚିଆ ସିଡ୍ସ ମିଳୁଛି । ଭଲ କମ୍ପାନୀର ଦେଖି ଏହି ସିଡ୍ସ ଆଣନ୍ତୁ । ଜଳଖିଆରେ ଖିର କିମ୍ବା ଦହି ସହ ଚିଆ ସିଡ୍ସ ମିଶାଇ ଖାଇପାରିବେ । କ୍ୟାଲସିୟମ୍‌ର ଅନ୍ୟତମ ଉତ୍ତମ ସ୍ରୋତ ଭାବେ ଜଣାଯାଉଥିବା ଏଇ ସିଡ୍ସରେ କ୍ୟାଲସିୟମ୍ ଓ ଓମେଗା ଥ୍ରୀ ଏସିଡ୍ ଭରପୂର ରହିଛି ।

♦ ବିଭିନ୍ନ ପ୍ରକାରର ଡ୍ରାଏଫ୍ରୁଟସ୍ ମଧ କ୍ୟାଲସିୟସ୍ ଭରପୂର । ପେସ୍ତାବାଦାମ୍, ବାଦାମ, କିସ୍‌ମିସ୍ ଇତ୍ୟାଦି ଖାଇଲେ ମଧ ଶରୀରକୁ ଆବଶ୍ୟକ ପରିମାଣରେ ପୋଷକତତ୍ତ୍ୱ ମିଳିଥାଏ ।

♦ କମଳା ଫଳ ଖାଇବା ସହ ଏହାର ରସ ପ୍ରତିଦିନ ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ବିଶେଷଜ୍ଞଙ୍କ ମତରେ ତ୍ୱଚା ଓ କେଶ ଉପରେରର ଉତ୍ତମ ପ୍ରଭାବ ପକାଉଥିବା କମଳା ରସ ଶରୀରକୁ ଆବଶ୍ୟକ ପରିମାଣରେର କ୍ୟାଲସିୟମ୍ ତତ୍ତ୍ୱ ଯୋଗାଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିହାର ନିର୍ବାଚନ...

କରୋନା ସଂକ୍ରମଣ ପାଇଁ ବିଶ୍ୱ ତଥା ଦେଶ କଠିନ ସ୍ଥିତି ଦେଇ ଗତି କରୁଥିବା ସମୟରେ ସୁଦ୍ଧା ନିୟମିତ କାର୍ଯ୍ୟବିଧି ଊଣା ଅଧିକ ଚାଲିଛି । ଯେମିତି ନଭେମ୍ବରରେ ଆମେରିକା ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ । ସେହି ଧାରାରେ ସଂସଦ ଓ ବିଧାନସଭା ଅଧିବେଶନ ସୀମିତ ପରିସର ଭିତରେ ସମ୍ପନ୍ନ ହେଉଛି । ସ୍ୱଳ୍ପ ସମୟ ପାଇଁ ହେଉ ପଛେ, ସଂସଦର ବୈଠକ ବସିଥିଲା, ବିବାଦୀୟ ବୋଲି କୁହାଯାଉଥିବା କୃଷି ସମ୍ପର୍କିତ ଦୁଇରୁ ଅଧିକ ବିଧେୟକକୁ ଉଭୟ ସଦନରେ ଗ୍ରହଣ କରିନିଆଗଲା । ରାଷ୍ଟ୍ରପତିଙ୍କ ଦ୍ୱାରା ଏହି ବିଲ୍ ସମୂହ ସ୍ୱୀକୃତିପ୍ରାପ୍ତ ହୋଇ ଆଇନରେ ପରିଣତ ହେବା ମହତ୍ତ୍ୱପୂର୍ଣ୍ଣ ଘଟଣା ବୋଲି କୁହାଯିବ । ସମ୍ପୃକ୍ତ ବିଧେୟକ ନେଇ ଆପତ୍ତି ଅଭିଯୋଗ ପ୍ରତିପକ୍ଷ ଜଣାଇବା ସକାଶେ ଗାନ୍ଧିମୂର୍ତ୍ତି ତଳେ ଧାରଣା ଦେବା ସହ ରାଜ୍ୟ-ରାଜ୍ୟରେ ବିକ୍ଷୋଭ ସମାବେଶ ମଧ୍ୟ ହୋଇପାରୁଛି କରୋନା ସଂକ୍ରମଣ ବଳୟ ଭିତରେ । କରୋନା ସଂକ୍ରମଣ ଭିତରେ ରାମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ହୋଇପାରିଛି । ଗତାନୁଗତିକତାକୁ ସମ୍ମାନ ପ୍ରଦର୍ଶନପୂର୍ବକ କେନ୍ଦ୍ର ତଥା ରାଜ୍ୟସ୍ତରରେ ଏକାଧିକ ପ୍ରଶାସନିକ ବୈଠକ ବସିବା ପୂରା ମାତ୍ରାରେ ବନ୍ଦ ହୋଇନାହିଁ । କିନ୍ତୁ କରୋନା ବିରୋଧୀ ଲଢ଼େଇ ନେଇ କର୍ତ୍ତୃପକ୍ଷ ରୀତିମତ ଅନ୍ଧାରରେ ବାଡ଼ି ବୁଲାଇବା ପୂରା ବନ୍ଦ୍ କରିଦେଇନଥିବା ଭଳି ମନେହେଉଛି । କରୋନା ସଂକ୍ରମିତ ତଥା ଅରୋଗ୍ୟ ନେଇ ଯେଉଁ ପରିସଂଖ୍ୟାନ ଦିଆଯାଉଛି, ସେଥିରେ ଶତପ୍ରତିଶତ ତାଳମେଳ ରହୁନଥିବାର ଅଭିଯୋଗ ହେଉଛି । ଏଭଳି ହେବାର ଏକାଧିକ କାରଣ ଥାଇପାରେ । କରୋନା ସଂକ୍ରମଣଜନିତ କ୍ଷୟକ୍ଷତିର ବ୍ୟାପକତା ଏତେ ଗମ୍ଭୀର ରୂପ ନେଇପାରେ, ତାହା କାହାରି କଳ୍ପନା ଭିତରେ ନଥିଲା । ପ୍ରତିଷେଧକ ଟିକାର ବିକାଶ ନେଇ ଯାହାକିଛି ପ୍ରଚାର ଚାଲିଛି, ତାହା ମଧ ପରିପକ୍ୱ ନୁହେଁ । ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ସଂକ୍ରମଣ ତୁଳନାରେ ଆରୋଗ୍ୟ ହାର ତୁଳନା କରି ଆପାତତଃ ମନବୋଧ କରିବା ଛଡ଼ା ଅନ୍ୟ ରାସ୍ତା ନାହିଁ କହିଲେ ଚଳେ । ତିନିଦିନ ତଳେ କେନ୍ଦ୍ର ନିର୍ବାଚନ ଆୟୋଗ ବିହାର ପ୍ରଦେଶରେ ବିଧାନସଭା ନିର୍ବାଚନ ସକାଶେ ଘୋଷଣା କରିବା ସହିତ ନିର୍ଘଣ୍ଟ ଜାରି କରିଛନ୍ତି । କରୋନା ଆତଙ୍କ ଭିତରେ ସୁଦ୍ଧା ବିହାର ବିଧାନସଭା ନିର୍ବାଚନ ପ୍ରକ୍ରିୟାକୁ ଯଥାରୀତି ପାଳନ କରାଯିବ । ଅକ୍ଟୋବର ୨୮ରୁ ବିହାରରେ ତିନି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ । କରୋନା ମହାମାରୀ ଭିତରେ ବିହାର ନିର୍ବାଚନକୁ ବିଶ୍ୱର ସର୍ବବୃହତ୍ ନିର୍ବାଚନ ବୋଲି କୁହାଯାଇଛି । ଏପରିକି ସଂକ୍ରମିତମାନେ ଏହି ନିର୍ବାଚନ ମତାଧିକାର ସାବ୍ୟସ୍ତ କରିପାରିବେ ବୋଲି କୁହାଯାଇଛି । ତିନି ପର୍ଯ୍ୟାୟ ଭୋଟ ଗ୍ରହଣ ପରେ ନଭେମ୍ବର ୧୦ରେ ଫଳ ପ୍ରକାଶ ପାଇବ ବୋଲି ଜଣାଯାଇଛି । ବିହାରରେ ସମ୍ପ୍ରତି ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜନତା (ସଂ)- ବିଜେପି ମେଣ୍ଟ ସରକାର ଚାଲିଛି । ଯେତେବେଳେ ନୀତୀଶ ପ୍ରଥମେ ସରକାରକୁ ଆସିଲେ, ସେତେବେଳର ମିତ୍ର ଦଳ ଲାଲୁଙ୍କ ରାଷ୍ଟ୍ରୀୟ ଜନତା ଦଳ ଏବେ ବିରୋଧୀ ଶିବିରରେ । ଆଗାମୀ ନିର୍ବାଚନରେ ଭାଗୁଆଳି ବିଜେପିକୁ ନେଇ ନୀତୀଶଙ୍କ ନେତୃତ୍ୱରେ ମେଣ୍ଟ ଲଢ଼ିବାକୁ ଯାଉଛି । ସେହିଭଳି ଲାଲୁଙ୍କ ଆର୍‌ଜେଡି ସମ-ମନୋଭାବାପନ୍ନ ଗୋଷ୍ଠୀଙ୍କୁ ନେଇ ଭୋଟ୍ ମଇଦାନକୁ ଓହ୍ଲାଇବ । ଭୋଟ ପ୍ରଚାର କରୋନା କଟକଣା ଭିତରେ ସଙ୍କୁଚିତ ହୋଇଯିବ । ତାହାରି ମଧ୍ୟରେ କିଭଳି ସଂଯମ ଓ ଶୃଙ୍ଖଳାରେ ବିଧାନସଭା ଭୋଟ୍ କରାଯିବ, ତାହା ନିର୍ବାଚନ ଆୟୋଗ ତଥା ରାଜନୈତିକ ଦଳ ପାଇଁ ବଡ଼ ଆହ୍ୱାନ ହୋଇପାରେ । ଏମିତିରେ ଗୁଣ୍ଡାଗର୍ଦ୍ଦି ପୃଷ୍ଠଭୂମି ପାଇଁ ବିହାର ବଦ୍‌ନାମ ଥିଲା । ପୁଲିସ ଓ ପ୍ରଶାସନ ପାଇଁ ନିର୍ବାଚନ କରିଚାଳନା ଯେମିତି ଗୁରୁତ୍ୱ ବହନ କରୁଛି, ରାଜନୈତିକ ଦଳଗୁଡ଼ିକ ପାଇଁ ଜନମତକୁ ନିଜ ପଟକୁ ଢଳାଇନେବା ସକାଶେ ଉଦ୍ୟମ ବେଶ୍ ଆହ୍ୱାନପୂର୍ଣ୍ଣ ବୋଲି କୁହାଯାଇପାରିବ । କୃଷି ତଥା ବିଭିନ୍ନ ପ୍ରକଳ୍ପ ନେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ଆଶୁ ପ୍ରଭାବ ଉପରେ ଏନ୍‌ଡିଏ ଆଶାବାଦୀ ଥିବାବେଳେ ତେଜସ୍ୱୀ ସରକାରୀ ବିଫଳତା ଅଭିଯୋଗକୁ ପୁଞ୍ଜି କରି ଜନମତକୁ ସଂଗଠିତ କରିବା ଆଶା ରଖିଛି । କରୋନା ସଂକ୍ରମଣ ଭିତରେ ପ୍ରଥମ କରି ହେଉଥିବା ବିଧାନସଭା ନିର୍ବାଚନ ପାଇଁ ମତଦାତା କେତେ ଉତ୍ସାହୀ ରହିଛନ୍ତି ତାହାର ମଧ ପରୀକ୍ଷା ହୋଇଯିବ ।

## କବିତା କୋଣାର୍କ

## ପ୍ରେମ ଓ ପ୍ରତାରଣା...

ପ୍ରଶାନ୍ତ କୁମାର ନାଥ

ମୁଁ ତୁମର ସବୁ କଥାକୁ
ଅନ୍ଧ ପରି ମାନି ନେଉଥିଲି
ସେଇଟା ନଥିଲା ମୋର ଅକ୍ଷମତା,
ତାହା ଥିଲା ମୋର ତୁମ ପ୍ରତି
ଭଲ ପାଇବା ଓ ଆନ୍ତରିକତା ।

ତୁମ ସାଥେ ଏତେ ଦିନ ରହିଲା ପରେ
ମୁଁ ତୁମକୁ ବୁଝି ପାରିଲିନି
ବୁଝିବାକୁ ବାକି ରହିଗଲ,
ମୋ ଭଲ ପାଇବାର 'ଳ ସ୍ୱରୂପ
ଆଜି ହୃଦୟଟା ଜଳିଗଲା ।

ତୁମ ଛୋଟ ଛୋଟ ସନ୍ଦେହ ପାଇଁ
ମୁଁ ଛାଡି ଦେଇଥିଲି ସବୁକିଛି
ଖାସ୍ ତୁମ ଖୁସି ପାଇଁ,
କିନ୍ତୁ ଆଜି ତୁମେ
ମୋତେ ଏମିତି ଜାଗାରେ
ଛାଡିଗଲ ଭାବିଲନି ଥରେ
ବଂଚିବି କେମିତି ମୁହିଁ ।

ଆଜି ଯାଏ କେବେ କହିନାହିଁ ତୁମକୁ
ତୁମେ କାହିଁକି ଏମିତି ଭୁଲ୍ କଲ
ତେଣୁ ଆଜିବି କହୁଛି ସେହି କଥା
ତୁମକୁ ଭଲ ପାଇବାଟା ଭୁଲ ଥିଲା
ମୋର
ଯେଉଁଥି ପାଇଁ ଦେଇଗଲ
ତୁମେ ଦୁଃଖ ଜହର ।

+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର ।
ମୋ-୦୮୮୯୨୩୦୧୧୪୩

## ପ୍ରଦୀପ୍ତ ନମ୍ରତାର୍ ସ୍ୱାକ୍ଷର୍ - ପ୍ରଫେସର୍ ଡି.କେ.ରାୟ୍

ଶ୍ରୀକୃଷ୍ଣ ବଳ



ସେପ୍ଟେମ୍ବର ୧୪ର ଏକ ମେଘଛାୟା ଆକାଶତଳେ ପ୍ରଫେସର୍ ରାୟଙ୍କର ଦେହାବସାନ ଘଟବାପରେ ଏକ ଦୀପ୍ତ ନମ୍ରତାର ଦ୍ୟୁତି ଯେମିତି ନିର୍ବାପିତ ହେବାପରି ଲାଗୁଛି। ତାଙ୍କର ପ୍ରଶଂସୁକ, ସ୍ତାବକ, ଅଧ୍ୟାୟୀ, ସତୀର୍ଥ, ସାଙ୍ଗ ସରିଷାଙ୍କ ପାଇଁ ସେ କେବଳ ଜଣେ ଅନିଳଙ୍କ ଧୀର ରୂପକ ନଥିଲେ, ମିଷ୍ଟଭାଷୀ ନମ୍ରତାରେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିପାରୁଥିଲେ। ନିଜେ ବହୁତ ପଢୁଥିଲେ ଏବଂ ପଢ଼ିବାର ଜିଜ୍ଞାସା ନିଜ ପାଖଆଖର ତରୁଣ, ସ୍ୱଳ୍ପ ତରୁଣ ଏବଂ ତରୁଣୋତ୍ତର ମାନବିକତାକୁ ବାଣ୍ଟିବାରେ ସେ ଲାଗିଥିଲେ। ଏହା ସରୁନଥିଲା ଏବଂ ତାଙ୍କର ଗବେଷଣା ଓ ଗବେଷକ ବିଦ୍ୱାନ୍ ମାନଙ୍କ ସଂଖ୍ୟା ବି କମ୍ ହେଉନଥିଲା ଶେଷପର୍ଯ୍ୟନ୍ତ। ଅନ୍ୟ ବିଖ୍ୟାତ ଓ ଯଶସ୍ୱୀ ଏବଂ ତୁମୁଳ ଖ୍ୟାତିମୟ ମାନଙ୍କପରି ସେ ଏକମୁହାଁ, ଏକ ସେଣ୍ଟ୍ରିକ୍ ଏବଂ ମନୁଆ ନଥିଲେ। ସବୁ ଦେଖିଲାପରେ, ଜାଣିବା ପରେ, ବୁଝିବାପରେ ପ୍ରଫେସର୍ ସାନ୍ତାୟନଙ୍କ ପରି ଏକ ଗରୀୟସୀ ନମ୍ରତାରେ ସେ ମୌନପଣ ଅବଲମ୍ବନ କରିଗ୍ଲଲିଥିଲେ ଏବଂ ନିଜର ମାନାୟନ ବଡ଼ ସଂଯତ, ସଂକୋଚ ସଂକ୍ଷିପ୍ତରେ ପେଶ୍ କରୁଥିଲେ। ସମସ୍ତେ ବୋଧ କରୁଥିଲେ ଏହାହିଁ ସମସ୍ୟା ଓ ପ୍ରସଙ୍ଗର ଜଟିଳ ପରିପ୍ରେକ୍ଷାରେ ସବୁଠୁଁ ସୁଷମ ବିଗ୍ଭର, ସଂହତ ଅନୁବୀକ୍ଷଣ। ନିଜର ନିରୀହତା, ଅଣବିଳାସମୟ ଜୀବନଧାରାରେ ବେଳେ ବେଳେ ଏଲିଟିଷ୍ଟ ମନେ ହେଲେ ବି ତାଙ୍କର ସମ୍ବେଦନଶୀଳତାର, ସାର୍ବଜନୀନ ବୃତ୍ତାଂଶ ସମସ୍ତଙ୍କ ସ୍ୱର୍ଶକ ପାଲଟିଥିଲା ଦୀର୍ଘରୁ ଦୀର୍ଘତର ସମୟଧରି ବିଭିନ୍ନ ଶିକ୍ଷାୟତନରେ, ବିଶ୍ୱବିଦ୍ୟାଳୟରେ, ଅନୁଷ୍ଠାନ ମାନଙ୍କରେ। କାହାରି ସହ ମତଦ୍ୱନ୍ଦ୍ୱ ନେଇ ଲଢ଼େଇ ନକରି ମଧ ସେ ଜିତାପଟରେ ଆସିଯାଉଥିଲେ ଏହି ଚରିତ୍ରଗତ ଶ୍ଳୀଳତା ଓ ସୌଜନ୍ୟର ମାର୍ଜନା ଯୋଗୁଁ । ଏକାବେଳକେ ଆମ ପୃଥିବୀରେ ସେ ଜଣେ ଅଜାତଶତ୍ରୁ। ଅଥଚ ତତ୍ତ୍ୱ, ତଥ୍ୟ ଓ ନିର୍ଯ୍ୟାସକୁ ନେଇ କୌଣସି ସାହିତ୍ୟ ବା ପ୍ରସ୍ତାବନା ବା ମୌଳିକର ଅଟ୍ଟାଳୀ ସେ ନିର୍ମାଣ କରିବେନି। ଏଇଠି ସେ ଲିଭିସ୍‌ଙ୍କ ପରି । ତାଙ୍କ ନିଜର ଅଧ୍ୟାପନା, ଗବେଷଣା, ବକ୍ତବ୍ୟ ଓ ମତ ଏବଂ ମତାନ୍ତ ନିବହରେ ତାଙ୍କ ସିଦ୍ଧିର ପ୍ରକାଣ୍ଡକୁ କଥଞ୍ଚିତ୍ ଅନୁମାନ କରିହେବ। ଶ୍ରେଣୀ ପ୍ରକୋଷ୍ଠରେ ଅତି ନମନୀୟ ଭାବେ ମେଟାଫିଜିକାଲ, ୟେଟ୍‌ସ ଏବଂ ଆଧୁନିକ କବିତାର ଅନ୍ତରଙ୍ଗ ରୂପ ଓ ରୂପାନ୍ତରର ସେ ସୂଚନା ମାପିବେ। ପୁଣି ସିଦ୍ଧାନ୍ତ ବାଢ଼ିବା ବେଳେ ଏଲିୟଟ୍‌ଙ୍କ ମଞ୍ଚରେ ଅତି ସୁଧାରଭାବେ ନିଜର ବୁଝିବା ଛାଡିଦେବେ । ତାଙ୍କ ଭାବରେ- ତମେ ପ୍ରଥମେ ଜାଣ ଓ ବୁଝ ଓ ଲକ୍ଷ୍ୟକର। ପରେ ସୁବିଧାହେଲେ ନିଜ ମତ ସଂଗଠନ କରିବ। ଏଲିୟଟ୍ ଏବଂ ଲିଭିସ୍‌ଙ୍କୁ ଅନୁଧ୍ୟାନ କଲାପରେ ସେ ନିଜ ସବୁଠୁଁ ଆଧୁନିକ ତରଙ୍ଗରେ ଚଳନ୍ତି ପଲକ ପାଖରେ ନିଜର ଫୋକସ୍ ବଜାୟ ରଖିବେ। ଏହା ଗୋଟେ ଦୃଷ୍ଟିରୁ ଆମମାନଙ୍କ ପାଇଁ ଗ୍ଭଲେଞ୍ଜ ହୋଇଯାଉଥିଲା- କାରଣ-ଆଧୁନିକ ମର୍ମରେ ଆମେ ବିଖ୍ୟାତ ରୋମାଣ୍ଟିକ୍, ଭିକ୍ଟୋରିଆନ୍ ଏବଂ ଜାକୋବିଆନ୍‌ମାନଙ୍କୁ ପଢିବୁ କେମିତି?

ପ୍ରଫେସର୍ ସର୍ବେଶ୍ୱର ଦାସ, ପ୍ରଫେସର୍ ପରେଶ ରାଉତ୍‌ଙ୍କ ଗହଣରେ ସେ ମୋର ଭାବ-ସରସୀରେ ଅଗଣିତ ନବତର ବିଚିପୁଞ୍ଜ ସୃଷ୍ଟି କରି ଚାଲିଥିଲେ । ତେମନ୍ତ ଅଧାପନାରୁ ଏହି ଆହରଣ ଆସିଲା ଯେ ସାହିତ୍ୟ ଜୀବନର ନିଃଶ୍ୱାସ ଭଳି ଏକ ସଂଲଗ୍ନ ନିବିଡ଼ତା। ଲିଭିସ୍‌ଙ୍କ ଅନୁବାଦନ ପରି ସାହିତ୍ୟ ଏବଂ ସମୀକ୍ଷାର କର୍ତ୍ତୃତ୍ୱ ଓ ସ୍ୱୟଂସଂପୂର୍ଣ୍ଣ ବୌଦ୍ଧିକ ପ୍ରଜ୍ଞାନ ପରି ସେ ଗୁରୁତ୍ୱ ଆରୋପ କରିବେ। କହିବା ବେଳେ ଓ ଲେଖିବା ବେଳେ ସେଇମିତି ସ୍ୱଚ୍ଛନ୍ଦ, ସମସ, ଶୃଙ୍ଖଳିତ ସୌନ୍ଦର୍ଯ୍ୟରେ ତାଙ୍କର ଭାଷା ଓ ଭାବ ତାଙ୍କ ମନର ଭାବ-ତରଙ୍ଗ ପରି ବିକଶିତ ହୋଇ ଉଠୁଥିଲା। ପୁରୀର ଏସ୍.ସି.ଏସ୍ କଲେଜରେ ଥିବାବେଳେ ମୁଁ ପୁରୀ ଗଲି ତାଙ୍କୁ ଭେଟିବା ପାଇଁ। ସମୁଦ୍ରକୂଳରେ ବୁଲୁବୁଲୁ ପ୍ରଫେସର୍ ସାନ୍ତାୟନଙ୍କ ମନସ୍ୱୀ ଉଦ୍ଧାର ମୁଁ ତାଙ୍କ ପାଇଁ କହିଲି - To dream with one eye open; to be detached from the world without being hostile to it' to welcome fugitive beauties and pity fugitive sufferings, wirthout forgetting for a moment how furgitive they are.

ସେ ଏକାନ୍ତରେ ସ୍ମିତ ହସଟିଏ ହସିଦେଲେ । ସେଇ ସ୍ୱପ୍ନ ଆଜି ତାଙ୍କ ପରେ ଆଉ କେହି ଦେଖିବେ। କିନ୍ତୁ ଏଇ ସମ୍ଭାବନା ପାଇଁ ସେଇ ରକମ ବ୍ୟକ୍ତିତ୍ୱ ଓ ବିଦ୍ୱତ୍ତା ଚରିତ୍ର ଓ ଅନ୍ତନାଡ଼ି ଥିବା ଦରକାର। ଏତେ ବହୁଳ ନମ୍ରତା ତାଙ୍କୁ ସୁଯୋଗ ଦେଉଥିଲା ଅନ୍ୟ ମଣିଷର ପ୍ରେରଣା ଓ ଉଦ୍ଦୀପନା ବୁଝିବାକୁ । କିନ୍ତୁ ତାହାରି ବ୍ୟପ ଦେଶରେ ଥିଲା ପ୍ରତୁଳ ଜ୍ଞାନର ଗରିମା ଯାହା ତାଙ୍କୁ ଏଇ ନମ୍ରତା ପିନ୍ଧିବାକୁ ସହଜରେ ପ୍ରବୃତ୍ତି ଦେଇ ଦେଉଥିଲା। ଏଇ ପ୍ରବଣତା ଅଜିର ବୁଭୁକ୍ଷୁ ସମୟରେ ଅତି ବିରଳ ।

ପ୍ରଫେସର୍ ରାୟଙ୍କ ମନନରେ ଏକ ଖୋଲାପଣ ତାଙ୍କର ଅଧ୍ୟାୟୀ ଓ ସତୀର୍ଥମାନଙ୍କୁ ବ୍ୟତିବ୍ୟସ୍ତରୁ ଉଦ୍ଧାର କରିପାରୁଥିଲା। ଅନ୍ୟ ଏକାଡେମିକ୍ ଓ ଫ୍ୟାକଲଟିଙ୍କ ପରି ସେ ଫର୍ମୁଲା ଏବଂ କଥିତ ସତ୍ୟ ଭିତରେ ସୀମାବଦ୍ଧ ନଥିଲେ। ମୁକ୍ତ ଚେତନାରେ ସେସବୁ ଆଭିମୁଖ୍ୟ ଓ ମୂଲ୍ୟବୋଧକୁ ନିମନ୍ତ୍ରଣ କରୁଥିଲେ। ଏଇ ସ୍ୱାଧୀନତାପଣ ଆମପାଇଁ ଏକ ବହୁବାଂଛିତ ଆଦର୍ଶ ହେବ। ଆଜିର ଶିକ୍ଷାବ୍ୟବସ୍ଥାରେ ଏଇ ଅବାଧ ଉଦ୍ୟମ ଶୀଳତା କ୍ରମଶଃ ସଙ୍କୁଚିତ ହୋଇଯାଉଛି। ଆମ ନିଜର ମନମୁତାବକ ଅନ୍ଧପଣକୁ ଦୁନିଆର ବାସ୍ତବ ସମଷ୍ଟିକୁ ଆମେ ସମ୍ମୁଖୀନ ହେବାକୁ ଗ୍ଭହୁଁଛି। ଜଟିଳତା ଓ ପ୍ରଞ୍ଜଳତା ଏବଂ ବୈଚିତ୍ର୍ୟକୁ ଜଳାଞ୍ଜଳି ଦେଇକରି ଆମେ କେବଳ ସତ୍ୟର ଅପଳାପ କରୁଛୁ ସିନା। ଜଟିଳତା ଦ୍ୱୈର୍ଥ ଏବଂ ବଡ଼ୟନାର ବହୁମୁଖୀନତାକୁ ସ୍ୱାଗତ କରିପାରିଲେ ପ୍ରଫେସର୍ ରାୟଙ୍କ କର୍ଷିତ ନମ୍ରତା ପ୍ରତି ଆମେ ସମ୍ମାନ ଦେଖାଇ ପାରିବା ଇତି ମଧରେ ତାଙ୍କର ଅନୁପ୍ରେରଣା ବହୁ ବିବଦମାନ ବିଗ୍ଭରକୁ ଆଲୋକ ଦେଇପାରେ।


+ ଏଚ୍‌ଆଇଜି-୩୩, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ମୋ: ୭୬୦୯୦୧୦୫୮୧

## ସବୁଜିମାର୍ ଜୀବନ

ଦିଲ୍ଲୀପ କୁମାର ମହାରଣା



### ୱାର୍ଲ୍ଡ ହାବିଟାଟ୍ ଡେ' (ଅକ୍ଟୋବର୍ ୩)





ପ୍ରକୃତିକୁ ମା' ସହ ତୁଳନା କରାଯାଇଥାଏ। ମଣିଷ ଜୀବନର ପ୍ରତିଟି ଜୀବନ, ପ୍ରତିଟି କ୍ଷଣ ସର୍ବ ସଂହା ପ୍ରକୃତି ସହ ଜଡ଼ିତ। ଜଣେ ପ୍ରକୃତିର କୋଳରେ ହିଁ ସୁରକ୍ଷିତ କିନ୍ତୁ ବିଭିନ୍ନ ଭାବରେ ପ୍ରକୃତି ଆଜି ଯେଉଁପରି ଭାବରେ ଉଦ୍‌ବେଗଜନକ ସ୍ଥିତିରେ ଅବକ୍ଷୟର ଶିକାର ହେଉଛି ତାହା ହିଁ ଆଜି ସମୟ ପାଇଁ ବଡ଼ ଆହ୍ୱାନ। ପ୍ରକୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସବୁକ୍ଷେତ୍ରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲିଛି, ବିଭିନ୍ନ ଆନ୍ଦୋଳନ ବି ନୂଆ ନୂଆ ସ୍ଲୋଗାନ ନେଇ କାର୍ଯ୍ୟ କରୁଛନ୍ତି ତଥାପି ଦେଖାଯାଉଛି ପ୍ରକୃତିର ଅବକ୍ଷୟ ପାଇଁ ଆମ ସମସ୍ତଙ୍କ ଭିତରେ ଯେଉଁ ପରିମାଣର ଆବେଗ, ଦାୟିତ୍ୱବୋଧତା ଓ ଭଲପାଇବା ରହିବା କଥା ତାହା ସମ୍ଭବତଃ ଯଥାର୍ଥ ହୋଇପାରୁନାହିଁ। ଆଜିର ଅବକ୍ଷୟମୁଖୀ ପ୍ରକୃତିକୁ ରକ୍ଷା କରିବା ଲାଗି ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାର (ଚଳିତବର୍ଷ ଅକ୍ଟୋବର ୩)କୁ ୱାର୍ଲ୍ଡ ହାବିଟାଟ୍ ଡେ ବିଶ୍ୱ ପ୍ରାକୃତିକ ବାସ ଦିବସ ଭାବରେ ପାଳନ କରାଯାଉଛି। ୧୯୮୫ ଡିସେମ୍ବରରେ ମିଳିତ ଜାତିସଂଘ ସାଧାରଣ ପରିଷଦର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହି ଅଧିବେଶନରେ ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସୋମବାରକୁ ୱାର୍ଲ୍ଡ ହାବିଟାଟ୍ ଡେ ଭାବରେ ପାଳନ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ୧୯୮୬ରୁ ଏ ପର୍ଯ୍ୟନ୍ତ ଠିକ୍ ସେହିଦିନ ଏହି ଦିବସକୁ ପାଳନ କରାଯାଉଛି। ପ୍ରକୃତିର ସବୁଜିମା ପରିବେଶ ଭାରି ମନୋରମ। କିନ୍ତୁ ଆଜିକାଲି ଏହା ଅନେକ ଜାଗାରେ ସ୍ୱପ୍ନ ପାଲଟି ଗଲାଣି। ମଣିଷ ଆଦିମ ଅବସ୍ଥାରେ ବଣ ଜଙ୍ଗଲରେ ରହୁଥିଲା। ଧୀରେ ଧୀରେ ଚାଷ କରି ଶିଖିଲା। ସମୟ ସହ ତାଳ ମିଳାଇ ନିଜ ପାଇଁ ମାନବ ସମାଜ ରହିବାକୁ ଯେଉଁ ପ୍ରଣାଳୀ ଅବଲମ୍ବନ କରୁଛି ତାହା ଦ୍ୱାରା ପ୍ରକୃତି କ୍ଷତିଗ୍ରସ୍ତ ହେଉଛି। ସହରୀକରଣ ତାହାର କାୟା ବିସ୍ତାର କରି ଚାଲିଛି। ତା'ସହ କଳକାରଖାନା ପ୍ରତିଷ୍ଠା ପାଇଁ ଜଙ୍ଗଲ କଟାଯାଉଛି। ଫଳରେ ଜଙ୍ଗଲ କ୍ଷୟ ହେବା ସହ ଅନେକ ପଶୁପକ୍ଷୀ ବାସହରା ହେଉଛନ୍ତି। ଏଥିପାଇଁ କେତେକ ପ୍ରଜାତିର ପଶୁପକ୍ଷୀ ଲୋପ ପାଇଗଲେଣି ତ ଆଉ କେତେକଙ୍କ ସଂଖ୍ୟା ଦିନକୁ ଦିନ କମି ଚାଲିଛି। ମଣିଷ ସିନା ବଞ୍ଚି ଯାଉଛି ହେଲେ କଂକ୍ରିଟ ଜଙ୍ଗଲ ପାଇଁ ସବୁଜିମା ପରିବେଶର କେତେ କ୍ଷତି ହେଉଛି ତାହା ବିଚାରସାପେକ୍ଷ। କଳକାରଖାନା ଚାଲିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ତେଣୁ ପରିବେଶକୁ କିପରି ପ୍ରଦୂଷଣମୁକ୍ତ ରଖାଯିବ ଏବଂ ତା'ସହ ପ୍ରକୃତିର ସେହି ସବୁଜ ବଳୟ କିପରି ପ୍ରଭାବିତ ହେବନାହିଁ ସେ ନେଇ ଚିନ୍ତା କରିବାର ସମୟ ଆସିଛି। ଏହି ଦିବସ ପାଳନ ଅବସରରେ ପ୍ରାକୃତିକ ବାସ କିପରି ସୁରକ୍ଷିତ ରହିବ ସେ ସେଇ ଜନସଚେତନତା ସୃଷ୍ଟି କରାଯାଇଥାଏ। ଯଦି ଏହା ପ୍ରତି ନଜର ଦିଆ ନଯାଏ ତେବେ ସମୟ ଆସିବ ପ୍ରକୃତିର ଏହି ସବୁଜିମା ବଳୟ ସବୁଦିନ ପାଇଁ ଲୋପ ପାଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ବର୍ତ୍ତମାନ ମଣିଷ ସାମଗ୍ରିକ ବିକାଶ ପାଇଁ ଯେଉଁ ଅଭିବୃଦ୍ଧି ଓ ବିକାଶର ଗତିରେ ଚାଲୁଛି ତାହା ନିଶ୍ଚିନ୍ତ ତାହାର ଦାୟିତ୍ୱବୋଧତା କିନ୍ତୁ ଏହା ସହ ପ୍ରକୃତିର ସଂରକ୍ଷଣ ଓ ଏହାର ସୁରକ୍ଷା ପାଇଁ ଆମ୍ଭମାନଙ୍କର ଦାୟିତ୍ୱ ଯାହା ରହିଛି ତାହା ଏହି ଦିବସ ଠାରୁ ବାସ୍ତବରେ ପରିଣତ ହୋଇ କିଛିଟା କାର୍ଯ୍ୟକାରୀ ହୋଇପାରିଲେ ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ପୂରଣ ହୋଇପାରିବ।

+ ଶିଖରପୁର ଉପରସାହି, କଟକ, ଦୂରଭାଷ : ୯୪୩୮୫୮୩୨୮୯

## ଆମ ସମାଜ-ବିକାଶରେ ଆଦିବାସୀ-ଅବଦାନ

ମାୟାଧର ନାୟକ



ଭାରତରେ ଓଡ଼ିଶା ହେଉଛି ସର୍ବାଧିକ ଆଦିବାସୀ-ଅଧ୍ୟୁଷିତ ପ୍ରଦେଶ। ୬୨ ସଂଖ୍ୟକ ଆଦିବାସୀ ବା ଆଦିମ ଜନଜାତି ଓଡ଼ିଶାରେ ବସବାସ କରୁଛନ୍ତି - ରାଜ୍ୟର ସମୁଦାୟ ଜନସଂଖ୍ୟାର ପ୍ରାୟ ୨୪ ଶତାଂଶ ହେବେ ଏମାନେ। ଦକ୍ଷିଣ-ପଶ୍ଚିମ ଓଡ଼ିଶା ବିଶେଷ କରି କୋରାପୁଟରେ ଓ ସମ୍ବଲପୁର ସନ୍ନିକଟ ଅଞ୍ଚଳରେ ଦେଖିବାକୁ ମିଳୁଥିବା କନ୍ଧମାନଙ୍କ ସଂଖ୍ୟା ଦଶଲକ୍ଷରୁ ଅଧିକ। ଉତ୍ତରଓଡ଼ିଶା ବିଶେଷକରି ମୟୂରଭଞ୍ଜ ଜିଲ୍ଲାର ବାରିପଦା ଓ ଖିଚିଂ ନିକଟବର୍ତ୍ତୀ ବନଭୂମିରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ସାନ୍ତାଳ ଜନଜାତି ବସତି ବିସ୍ତାର କରିଛନ୍ତି। ପଶ୍ଚିମ ଓଡ଼ିଶାର ବଲାଙ୍ଗୀର ଜିଲ୍ଲାର ସଉରା ଆଦିବାସୀଙ୍କ ସଂଖ୍ୟା ପ୍ରାୟ ୩ ଲକ୍ଷ। କୋରାପୁଟର ଗିରିବାସୀ ଆଦିବାସୀଙ୍କ ମଧ୍ୟରେ ବଣ୍ଡା ହେଉଛନ୍ତି ବେଶ୍ ଜଣାଶୁଣା। ଖରାବର୍ଷାଶୀତ ସବୁବେଳେ ସେମାନେ ପ୍ରକୃତି ସହିତ ପ୍ରକୃତିର ସନ୍ତାନ ପରି ବିଶ୍ୱସ୍ତ। ଦେହରେ ବସ୍ତ୍ର ନଥାଏ କି ମନରେ ନଥାଏ ବିନ୍ଦୁଏ ମଳିନତା - ପୂର୍ଣ୍ଣଉଲଗ୍ନ ଏହି ଆଦିବାସୀ ସମାଜ ଆମ ପୋଷାକୀ ସମାଜର କୋଳାହଳଠାରୁ ଅନେକ ଦୂରରେ ଥାଇ ନିଘଂଚ ବନଭୂମିର ଉଚ୍ଚ ଗିରିପର୍ବତ ଅଞ୍ଚଳରେ ବିଚରଣଶୀଳ। ଓଡ଼ିଶାର ମାଲକାନଗିରି ଜିଲ୍ଲା ହେଉଛି ବିରଳ ଆଦିବାସୀ ବଣ୍ଡାମାନଙ୍କର ପ୍ରିୟ ମାନଚିତ୍ର। ଦୁଇ ଭିନ୍ନ କିସମର ବଣ୍ଡା ଅଛନ୍ତି - ଭାରତୀୟ ମୁଖ୍ୟ ସାମାଜିକ ସ୍ରୋତରୁ ଚିରବିଚ୍ଛିନ୍ନ ଉପର ବଣ୍ଡା (Upper Bonda) ରହିଆସୁଛନ୍ତି ଘନଅରଣ୍ୟର ଅଭ୍ୟନ୍ତରରେ, ପାହାଡ଼ଚୂଡ଼ା ପାଖାପାଖି ଗୁହାଗୁଡ଼ିକରେ। ଏମାନଙ୍କର ସଂଖ୍ୟା ହେବ ପ୍ରାୟ ୭ ହଜାର। ମାତ୍ର ପ୍ରାୟ ୧୭ ହଜାର ତଳୁଆ ବଣ୍ଡା (Lower Bonda)ଙ୍କୁ ଆମେ ଚିହ୍ନଟ କରିପାରୁ ବିସ୍ତୀର୍ଣ୍ଣ ବନଭୂମିରେ। ଏମାନେ ମୁଣ୍ଡା ସଂପ୍ରଦାୟର ଆଦିବାସୀ ହେଲେ ହେଁ ଏମାନଙ୍କର ଆଚାର, ବିଚାର, ସଂସ୍କାର, ଜୀବନଶୈଳୀରେ ଭରିରହିଛି ଗୋଟିଏପ୍ରକାର ବିଜନତାପ୍ରେମୀ ସ୍ୱତନ୍ତ୍ର ଜୀବନଶୈଳୀ। ମାତ୍ର ଧୀରେଧୀରେ ଏହି ବଣ୍ଡାମାନେ ଏବେ ବଂଶବିଲୁପ୍ତିର ଆଶଙ୍କାରେ ଥିବାର ଅନୁମାନ। କେଉଁଝର, ସମ୍ବଲପୁର ଓ ସୁନ୍ଦରଗଡ଼ରେ ଚାଷୀଆଦିବାସୀମାନଙ୍କୁ 'କିଷାନ' ନାଆଁରେ ଚିହ୍ନାଇ ଦିଆଯାଏ।

ତାଲିକା ଲମ୍ବା। ୬୨ ପ୍ରକାର ଆଦିବାସୀଙ୍କ ଭିତରୁ କନ୍ଧ, ସଉରା, ଗଣ୍ଡ, ସାନ୍ତାଳ, ପରଜା, ଗଦବା, କୋୟ, ଓରାଓଁ, ଭୂଇଜୀ, ବଣ୍ଡା, ଜୁଆଙ୍ଗ, ଭୁଂଜାୟା, ଦିୟାଦି, ଲୋଧା, ଶବର, ଥୁମ୍ବା, ଭୂୟାଁ, ହୋ, କୋହ୍ଲ, ମୁଣ୍ଡାରି - ଆମ ଆଙ୍ଗୁଠିଗଣା ନାଆଁ ଭିତରକୁ ଆସୁଥିଲେ ହେଁ ଆହୁରି କେତେନାକେତେ ଆଦିମ ଜନଜାତି ଅଛନ୍ତି, ଯେଉଁମାନଙ୍କ ସଂପର୍କରେ ଆମ ତଥାକଥିତ ସଭ୍ୟଶିକ୍ଷିତ ସମାଜ କେବଳ ଅଜ୍ଞ ନୁହେଁ - ସଂପୂର୍ଣ୍ଣ ତଥ୍ୟହୀନ। ଆମେ କେବଳ ଜନଗଣନା ସୂତ୍ର ଧରି କେତେକ ଆଦିବାସୀଙ୍କୁ ତଫସିଲଭୁକ୍ତ କରିଦେଇ ଆମ ଦାୟିତ୍ୱ ସରିଗଲା ବୋଲି ଧରିନେଉଛୁ। ମାତ୍ର ଏହା ତ ଦାୟିତ୍ୱ ନୁହେଁ, ଗୋଟାଏ ପ୍ରକାରର ପ୍ରକାଣ୍ଡ ଅପରାଧ - ଏ ଭୂମିର ଆଦିନିବାସୀ ନିରୀହ ନିରଳସ ମଣିଷସମାଜ ପ୍ରତି। ୬୨ କିସମ ଭିତରୁ ଆମେ କେବଳ ୧୩ କିସମଙ୍କୁ ଆଦିମ ଜନଜାତି ଭାବରେ ଗଣନା କରି ତଫସିଲର ତାଲିକାଧୀନ କରିପାରିଛୁ।

ମୁଁ ଜାଣିଶୁଣି ଏଠାରେ ଭାରତ କଥା କହୁନାହିଁ, ଓଡ଼ିଶାର ଆଦିବାସୀ ପ୍ରସଙ୍ଗ ଉଠାଉଛି ଏଇଥିପାଇଁ ଯେ ଓଡ଼ିଶା ଏ ଦେଶର ଏକନମ୍ବର ଆଦିବାସୀ ରାଜ୍ୟ। ୬୪୫ ଆଦିବାସୀ ଜନଜାତିର ଭାରତବର୍ଷ ବିଭିନ୍ନ ରାଜ୍ୟରେ ଆଦିବାସୀ ସମାଜକୁ ବନସ୍ତଭୂମିରେ ବିଚ୍ଛୁରିତ କରି ରଖିଆସୁଥିଲେହେଁ ୬୨ କିସମର ଆଦିବାସୀ ଓଡ଼ିଶାର ଜନସଂଖ୍ୟାରେ ଏକ ବିଶେଷ ସ୍ଥିତି ବଜାୟ ରଖିଆସିଛନ୍ତି। (କ୍ରମଶଃ)

+ ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

## କବିତା କୋଣାର୍କ

## ତମେ ରାଗୁଚକି ?

ରବି ରାଉତ

ତମେ ରାଗୁଚକି ?
ଝିଅ ମାନେ ରାଗିଗଲେ,
ମୁହଁ ଟିକେ ଫୁଲେଇଲେ
ଚମତକାର ସୁନ୍ଦରୀ ପରୀ ପାଲଟିଯାନ୍ତି
ଶୁଣିଥିଲି । ତମେ ନୂଆ ନୂଆ
ଆସିଥିଲ । ଅଳକାୟିତ
ରୁଣୁଝୁଣୁ ପାଉଁଜି ନିକ୍ୱଣ ହିଲ୍ଲୋଳିତ
ମୋ ଘର ଅଳିନ୍ଦ । ହୃଦୟ କନ୍ଦରରେ
ତରଂଗାୟିତ ପ୍ରତିଧ୍ୱନି ।
ଅଂକୁରିତ ନବ କିଶଳୟ
ପଦୁଟିଏ ଟାଣ କଥା କହିଦେଲେ
ଅଭିମାନୀ ଆଖି ଛଳଛଳ ।
ଥର ଥର ରଂଗାୟିତ କୁଂକୁମ ଅଧର
ଅନୁତପ୍ତ ଅନୁରକ୍ତ ବିମୁଗ୍ଧ
ମୁଁ ସମର୍ପିତ କବି
ଦିନ ଥିଲା, ଚାଲିରେ ବାସ୍ନା,
କଥାରୁ ମହୁ ଝରୁଥିଲା
ଘଣ୍ଟା ଘଣ୍ଟା ବିଭୋର ଆଳାପ ଶ୍ରୋତା
ବକ୍ତା ଅଦଳ ବଦଳ
ପାହି ଯାଉ ରାତି, ବାରି ପଟେ
ପକ୍ଷୀଙ୍କ କାକଳି,
ଆଶ୍ଳେଷରୁ ମୁକ୍ତି ପାଇଁ ସଲ୍ଲଜ ପ୍ରୟାସ ।
ଆଜି କିନ୍ତୁ ତମେ ଆଉ ତମେ ନାହଁ
କିମ୍ବା ମୁଁ ନାହିଁ ପୂର୍ବଭଳି
ଅଭାବ ଜଂଜାଳ କର୍ତ୍ତବ୍ୟ ପାଳନ
ଅକ୍ଟୋପାସୀ ଗ୍ରାସରେ ବିଲୁପ୍ତ ପ୍ରଣୟ
ବିସ୍ମୃତ ଗଲାଦିନ ସ୍ମୃତି ପଥ
ଦୂର ବହୁ ଦୂର ।
ସେହି ଘର ଅଛି, ତମେ ଅଛ,
ମୁଁ ବି ରହିଛି
ସମୟର ପ୍ରସ୍ତ ପ୍ରସ୍ତ ଆଢୁଆଳରେ
ଛଦ୍ମାୟିତ ଦେହମନ
ଆସ୍ତରିତ ହୃଦୟ ଅଂତର୍ହିତ
ମୃଦୁ ହସ ଚଟୁଳ ପଲକପାତ
ଆଜି ବି ଲେଖୁଛି ମୁଁ,
ବେଳେବେଳେ ଖିଆଲରେ କିମ୍ବା
ବାଧ୍ୟ ବାଧକତାରେ
ହସୁଛି ମୁଁ ଭିତରେ ଗୁମୁରି
ଗୁମୁରି କାନ୍ଦୁଥିବା ବେଳେ
ଆଜି କିନ୍ତୁ ତମ ଆଖିରେ ଜ୍ୱଳନ୍ତ ଲାଭା
ମୁହଁରେ ଶାଣିତ ଖଡ଼୍‌ଗ
ଅପଦାର୍ଥ ଅସମର୍ଥ ମୋ କ୍ଳୀବ ବ୍ୟକ୍ତିତ୍ୱ
ତମ ଗାର୍ହସ୍ଥ୍ୟର ଅଫୁରନ୍ତ
ଚାହିଦା ପୂରଣରେ
ଅସହାୟ ଧୀକୃତ ମୋ କବି ପଣ !
ତମେ ରାଗୁଚକି ?
ସତରେ ତମେ ରାଗିଲେ ଭଲ ଲାଗ
ଠିକ ବର୍ଷାସ୍ନାତ ଦିଗନ୍ତର ଇନ୍ଦ୍ରଧନୁ ପରି
ଖାଲି ଯାହା ତମକୁ ଦେଖିଥିବା
ଦୃଷ୍ଟି ଭଂଗୀ
ବଦଳି ଯାଇଛି ମୋର
ରାଗିଲେ ତମେ ଭଲଲାଗ ବୋଲି
କହିବାକୁ ଇଚ୍ଛା ଥିଲେ ମଧ
କହିପାରୁ ନାହିଁ ।
ତମେ ବଦଳି ଗଲ,
ମୁଁ ବାଟ ହୁଡ଼ି ଗଲି
ପ୍ରଣୟରୁ ଗାର୍ହସ୍ଥ୍ୟ ବାଟବଣା
ଦାମ୍ପତ୍ୟର କ୍ଷୁର ଧାର
ରକ୍ତ ସ୍ନାତ ମୁମୂର୍ଷୁ ମୁଁ ଦିଗମ୍ବର
ଏକଲା ପଥିକ
ସତେ କ'ଣ କେବେ ଦିନେ
କବିଟିଏ ଥିଲି ମୁଁ
ହେ ମୋର ବିଦଗ୍ଧ ପାଠକ ?

+ ସା/ପୋ.-ବାହାଳ
ବାଲେଶ୍ୱର-୭୫୬୦୬୦
ମୋ-୯୪୩୮୩୨୨୨୧୪

## କାଗଜ ଫର୍ଦ୍ଦର ଜୀବନ..

ସ୍ନିଗ୍ଧା. ଜି. ମହାପାତ୍ର

ଜୀବନ ଏକ ସାଦା
ଲମ୍ବା କାଗଜ ଫର୍ଦ୍ଦ
ନିଜେ ବୁଝି ପଢ଼ି ଆଉ ଲେଖି ହୁଏ
ଅନେକ ଅକୁହା କଥା...
ଗହନ ମନର ବ୍ୟଥା...
ହୃଦ କମ୍ପ୍ୟୁଟରରେ ଟିପି ହୋଇ ରହେ
ଜୀବନର ସମସ୍ତ ଯାତନା...
ପାଇଥିବା ସବୁ ଅର୍ଚ୍ଚନା...
କେହି ଦେଇଥିବା
ପ୍ରେମର ଜୋଛନା..
ଅବା ଜୀବନ ଯାତ୍ରାର ଲାଞ୍ଛନା...
ଅଲିଭା ହୋଇ ରହେ ପୁଣି
କାହାର ଠିକଣା..
କାଗଜଟି ଲମ୍ବି ଥାଏ ଆୟୁଷ ସହ
ଦୀପ ଲିଭିବା ପୂର୍ବରୁ ଅନେକ ଥର
ପଢ଼ା ସରିଥାଏ ସେଇ କାଗଜଟିକୁ
ନିଜ ଜାଣତ ବା ଅଜାଣତରେ...
ଲେଖା ଥିବା ଶବ୍ଦ ଅମୋହିତ କରେ
ପୁଣି କେତେବେଳେ ବିଷାଦ ଭରେ
ତଥାପି ପଢ଼ିବାକୁ ଇଚ୍ଛା ହୁଏ
ନିଜ ଏକଲା ପଣରେ...
ପଢ଼ି ଶିଖି ହୁଏ ଆଗକୁ ବଢ଼ିବାରେ...
ଅନେକ ନିରାଶରେ କାଗଜଟି ହୁଏ
ଆଶାର ଜୋଛନା...
ସେଇଟି କେବେ ଲଟାକୁଟା ହୁଏନା
ହୃଦୟ ଫୋଲଡରରେ
ହୁଏ ଦୃଶ୍ୟମାନ
ମନ ଚାହିଁଲେ କରେ ତାକୁ ଉଭାନ..

+ ବାରିପଦା, ମୟୂରଭଞ୍ଜ
ମୋ: ୮୪୮୦୯୧୧୯୨୭

# କରୋନା ଆଉ ପୂଜା ଶପିଂ

**ଆସିଯାଇଛି ପାର୍ବଣର ଋତୁ । ହେଲେ ଏଥର ବଢୁଥିବା କରୋନା ସଂକ୍ରମଣକୁ ଆଖିଆଗରେ ରଖି ନା ବହୁ ଆଡ଼ମ୍ବରରେ ପାଳନ ହେବା ଦଶହରା ନା ଜମିବ ପୂଜାମଣ୍ଡପଗୁଡ଼ିକରେ ଜନଗହଳି । ତଥାପି, କମିନି ଅନେକଙ୍କର ଫେଷ୍ଟିଭ୍ ଶପିଂ କ୍ରେଜ, ଆଉ ଏଥିପାଇଁ ପ୍ରତିଟି ଛୋଟ ବଡ଼ ଦୋକାନ ଓ ମଲ୍ ଠାରୁ ଆରମ୍ଭ କରି ଅନ୍‌ଲାଇନ୍ ସାଇଟ୍‌ଗୁଡ଼ିକରେ ଦେଖିବାକୁ ମିଳୁଛି ପୂଜା ପାଇଁ ନୂଆ ନୂଆ ସାମଗ୍ରୀର ସମ୍ଭାର । ତେବେ ଏମିତିରେ କେତେକ ଦିଗ ପ୍ରତି ସତର୍କ ରହିବା ଦ୍ୱାରା ଏହି ଫେଷ୍ଟିଭ୍ ସିଜନ୍‌ରେ ଶପିଂ କରିବା ହୋଇପାରିବ ନିରାପଦ....**



ଚଳିତବର୍ଷ ଫେଷ୍ଟିଭ୍ ସିଜନ୍‌ରେ ସେ ମଜା ଆଉ ନାହିଁ । ଦିନକୁ ଦିନ ବଢ଼ିବାରେ ଲାଗିଛି ସଂକ୍ରମଣ, ଆଉ ଏହା ଅଧିକ ନ ବ୍ୟାପିବା ଭୟରେ ପୂଜାସ୍ଥଳଗୁଡ଼ିକରେ ଭକ୍ତ ସମାଗମରେ ଲଗାଯାଇଛି କଟକଣା । ହେଲେ ଏହାସତ୍ତ୍ୱେ ମଧ୍ୟ ପୂଜା ଶପିଂକୁ ନେଇ ଅନେକେ ଉତ୍ସାହିତ । ତେଣୁ ଫେଷ୍ଟିଭ୍ ସିଜନ୍‌ରେ ମାର୍କେଟ୍‌ରୁ ହେଉ ଅବା ଅନ୍‌ଲାଇନ୍‌ରେ ଶପିଂ କରୁଥିଲେ ସୁରକ୍ଷା ପ୍ରତି ସଜାଗ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ...

**ଆପଣାନ୍ତୁ ଆବଶ୍ୟକ ସତର୍କତା:**

ବର୍ତ୍ତମାନ ଦୈନିକ ଯେଉଁ ବର୍ଦ୍ଧିତ ସଂଖ୍ୟାରେ କରୋନା ରୋଗୀ ଚିହ୍ନଟ ହେଉଛନ୍ତି ଏମିତିରେ ବାହାରକୁ ବିଶେଷ କରି ଶପିଂ ଲାଗି ବାହାରକୁ ଯିବା ବିପଦପୂର୍ଣ୍ଣ । ତଥାପି ଯଦି ଶପିଂ ପାଇଁ ଯାଉଛନ୍ତି, ମାସ୍କ ପିନ୍ଧିବାକୁ ଆଦୌ ଭୁଲନ୍ତୁ ନାହିଁ । ନିହାତି ଆବଶ୍ୟକ ନଥିଲେ ବାହାରେ କାହା ସହ କଥା ହୁଅନ୍ତୁ ନାହିଁ, କଥା ହେଲେ ଅତି କମ୍‌ରେ ୪-୬ ଫୁଟ୍ ଦୂରତ୍ୱ ରକ୍ଷା କରନ୍ତୁ । ଶପିଂ ସାରିବା ମାତ୍ରେ ତୁରନ୍ତ ହାତକୁ ସାନିଟାଇଜ୍ କରନ୍ତୁ । ଶପିଂ କରିଥିବା ସାମଗ୍ରୀକୁ ମଧ୍ୟ ସାନିଟାଇଜ୍ ନ କରି ବ୍ୟବହାର କରନ୍ତୁ ନାହିଁ । ଅନ୍‌ଲାଇନ୍ ଶପିଂ କରୁଥିଲେ ଡେଲିଭରି ପର୍ସନ ଠାରୁ ଦୂରରେ ଠିଆ ହୁଅନ୍ତୁ, ମାସ୍କ ମଧ୍ୟ ପିନ୍ଧନ୍ତୁ । ନିଜ ହାତ ସହ ପ୍ୟାକେଟ୍‌କୁ ମଧ୍ୟ ସାନିଟାଇଜ୍ କରନ୍ତୁ ।



**ସୋସିଆଲ୍ ଡିଷ୍ଟାନ୍ସିଂ ଗୁରୁତ୍ୱପୂର୍ଣ୍ଣ:**

ଏହି ରୋଗ କେବଳ ସ୍ପର୍ଶ ଦ୍ୱାରା ନୁହେଁ ବାୟୁ ବାହିତ ମଧ୍ୟ ହୋଇଥିବାରୁ ସଂକ୍ରମଣ ରୋକିବା ଲାଗି ସୋସିଆଲ ଡିଷ୍ଟାନ୍ସିଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ସୁରକ୍ଷା ଦୃଷ୍ଟିରୁ କୌଣସି ଗହଳି ଥିବା ମାର୍କେଟ୍ ବା ଦୋକାନକୁ ଆଦୌ ଯାଆନ୍ତୁ ନାହିଁ । ଶପିଂ ମଲ୍ ଯାଉଥିଲେ ସମସ୍ତ ଗାଇଡ୍‌ଲାଇନ୍ ମାନନ୍ତୁ । ଭିତରେ ଥିବା ଅନ୍ୟ ଗ୍ରାହକ ଏବଂ ସେଲ୍ସ ପର୍ସନଙ୍କ ଠାରୁ ଦୂରତା ରକ୍ଷା କରନ୍ତୁ ।

**ପବ୍ଲିକ୍ ଟ୍ରାନ୍ସପୋର୍ଟ ବିପଦପୂର୍ଣ୍ଣ:**

ଏହି ସମୟରେ ଯଦି ପୂଜା ଶପିଂ ପାଇଁ ଯାଉଛନ୍ତି ତେବେ ସର୍ବଦା ନିଜସ୍ୱ ଗାଡ଼ି ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ । କାରଣ ପବ୍ଲିକ୍ ଟ୍ରାନ୍ସପୋର୍ଟ ସମସ୍ତେ ବ୍ୟବହାର କରୁଥିବାରୁ କେଉଁ ବ୍ୟକ୍ତିଙ୍କ ଦେହରେ କରୋନା ଭୂତାଣୁ ଥିବ ତାହା ଜଣା ପଡ଼ି ନଥାଏ ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଗାଡ଼ିରେ ବସିବା ବିପଦପୂର୍ଣ୍ଣ । ତା' ଛଡ଼ା ପ୍ରତିଦିନ ଏକାଧିକ ଯାତ୍ରୀଙ୍କୁ ନେବା ଆଣିବା ଦ୍ୱାରା ଡ୍ରାଇଭରଙ୍କ ଠାରୁ ମଧ୍ୟ ଦ୍ୱାରା ରୋଗ ସଂକ୍ରମଣର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

**ଆପଣାନ୍ତୁ କ୍ୟାଶ୍‌ଲେସ୍ ବ୍ୟବସ୍ଥା:**

ବର୍ତ୍ତମାନ ଶପିଂ କରିବା ସମୟରେ ବିଭିନ୍ନ ଦିଗକୁ ଆଖି ଆଗରେ ରଖି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ସବୁଠୁ ଭଲ । ପ୍ରଥମ କଥା ହେଉଛି, କୌଣସି ଟଙ୍କା କେତେ କାହା ହାତ ଦେଇ ଆପଣଙ୍କ ପାଖକୁ ଆସିଛି ତାହା କହିବା କଷ୍ଟକର । ତେଣୁ ତାହା ରୋଗ ସଂକ୍ରମଣର ମାଧ୍ୟମ ବି ସାଜିପାରେ । ଏମିତିରେ କ୍ୟାଶ୍‌ଲେସ୍ ବ୍ୟବସ୍ଥା ନିରାପଦ । ଏହାବ୍ୟତୀତ ବର୍ତ୍ତମାନ ସମୟରେ ଜନଗହଳି ଅପେକ୍ଷାକୃତ କମ୍ ଥିବାରୁ ଚୋରଙ୍କୁ ଟଙ୍କା ଚୋରୀ ସହଜ । ତେଣୁ ପାଖରେ କ୍ୟାଶ୍ ନ ରଖି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଆପଣେଇବା ଭଲ ।

**ଫେଷ୍ଟିଭ୍ ଅଫରର ଲୋଭ ଛାଡ଼ନ୍ତୁ:**

ଏଥର କରୋନା ଲାଗି ପୂଜା ବଜାରରେ ବିଶେଷ ପ୍ରଭାବ ପଡ଼ିବ ଏବଂ ବେପାର ଅପେକ୍ଷାକୃତ ମାନ୍ଦା ବି ରହିବ । ତେଣୁ ଏମିତିରେ ବେପାର କମ୍ ନ ହେବା ଲାଗି ଅନେକ ବ୍ୟବସାୟିକ ସଂସ୍ଥା ପକ୍ଷରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଆକର୍ଷଣୀୟ ଅଫର୍ ଏବଂ ସ୍ପେଶାଲ୍ ଡିସ୍କାଉଣ୍ଟ ରହିପାରେ । ହେଲେ ଏହି ଲୋଭରେ ଅଧିକ ସାମଗ୍ରୀ କିଣି ନେବାର ଭୁଲ ଆଦୌ କରନ୍ତୁ ନାହିଁ । ପ୍ରଥମେ ନିଜ ବଜେଟ୍ ଦେଖନ୍ତୁ । ମହାମାରୀ ଯୋଗୁ ବର୍ତ୍ତମାନ ଅନେକଙ୍କର ଆର୍ଥିକ ପରିସ୍ଥିତି ଜଟିଳ ରହିଛି, ଆଗକୁ ପରିସ୍ଥିତି କ'ଣ ହେବ ତାହା ମଧ୍ୟ ଅନିର୍ଦ୍ଦିଷ୍ଟ । ତେଣୁ କୌଣସି ଫେଷ୍ଟିଭ୍ ଅଫର୍ ଲୋଭରେ ନ ପଡ଼ି ଯେତିକି ଆବଶ୍ୟକ ସେତିକି ଶପିଂ କରି ବାକି ଟଙ୍କାକୁ ଭବିଷ୍ୟତ ପାଇଁ ସଞ୍ଚୟ କରିବା ଭଲ ।



## ବିଶ୍ୱର ସର୍ବପ୍ରଥମ ସାହିତ୍ୟିକ ଏନ୍‌ହେଡୁଆନା

ପ୍ରାଚୀନ ମେସପୋଟାମିଆ ସଭ୍ୟତା ରାଜ କନ୍ୟା ଏନ୍‌ହେଡୁଆନା ହେଉଛନ୍ତି ବିଶ୍ୱର ସର୍ବପ୍ରଥମ କବୀ ଓ ଲେଖିକା । ଖ୍ରୀଷ୍ଟପୂର୍ବ ତ୍ରୟୋବିଂଶ ଶତାବ୍ଦୀ କାଳର ସମ୍ରାଟ 'ସାର୍ଗନ ଅଫ୍ ଅକ୍କାଡ୍' ଙ୍କ କନ୍ୟା ରୂପେ ଏନ୍‌ହେଡୁଆନା ଜନ୍ମ ନେଇଥିଲେ । ପିତାଙ୍କ ଏନ୍‌ହେଡୁଆନାଙ୍କୁ ଦେବୀ ଇନାନ୍ନା ଓ ଚନ୍ଦ୍ର ଦେବତା ନାନ୍ନାଙ୍କ ମୁଖ୍ୟ ପୂଜକ ରୂପେ ନିଯୁକ୍ତ କରିଥିଲେ । ସେହି ସମୟରେ ଦେବଦେବୀଙ୍କ ଆରାଧନା ପାଇଁ ସେ ରଚନା କରିଥିବା ବିଭିନ୍ନ ସ୍ତୁତି ଉଲ୍ଲେଖ ରହିଥିବା ଇଟାକୁଡ଼ିକୁ ଦକ୍ଷିଣ ଇରାକର ପ୍ରତ୍ନତାତ୍ତ୍ୱିକ ଖନନ ସ୍ଥଳରୁ ଉଦ୍ଧାର କରାଯାଇଛି । ଏଥି ସହିତ ପ୍ରାଚୀନ ସୁମେରିଆନ୍ ଭାଷାରେ ଲିଖିତ ବିଭିନ୍ନ ସାହିତ୍ୟିକ କୃତିରେ ମଧ୍ୟ ତାଙ୍କ ନାଁ ଥିବାର ପ୍ରମାଣ ମିଳିଛି । ଏହା ତାଙ୍କ ଚ ବିଶ୍ୱର ସର୍ବପୁରାତନ ସାହିତ୍ୟିକଙ୍କ ଆଖ୍ୟା ପ୍ରଦାନ କରିଥାଏ । ସେ ମଧ୍ୟ ଇତିହାସର ପ୍ରଥମ ମହିଳା ପୂଜକ । ସେହି କାଳର ପୂଜକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ କ୍ଷମତା ମଧ୍ୟ ମିଳୁଥିଲା । ୨୦୧୪ ମସିହାର ପ୍ରସିଦ୍ଧ



ଟେଲିଭିଜନ୍ ଧାରାବାହିକ 'କସ୍‌ମସ୍: ଏ ସ୍ପେସ୍ ଟାଇମ୍ ଓଡେସି'ରେ ଏନ୍‌ହେଡୁଆନାଙ୍କୁ ଇତିହାସର ଜଣେ ପ୍ରଭାବଶାଳୀ ମହିଳା ରୂପେ ପ୍ରଦର୍ଶନ କରାଯାଇଥିଲା । ୨୦୧୫ରେ ବୁଧ ଗ୍ରହର ଏକ ଗର୍ତ୍ତକୁ ତାଙ୍କ ନାଁ ଅନୁଯାୟୀ ନାମିତ କରାଯାଇଛି ।


## ଚୋରି କରିବାକୁ ଯାଇ ଏସିରେ ଶୋଇପଡ଼ିଲା ଚୋର

ଚୋରି କରିବାକୁ ଯାଇ ଜଣେ ଚୋର ଏସି ବଖରାରେ ଶୋଇପଡ଼ିବା ଖବର ଏବେ ସବୁରି ଧ୍ୟାନ ଆକର୍ଷଣ କରିଛି । ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲାର ଜଣଙ୍କ ଘରକୁ ସେହି ଚୋର ଅର୍ଦ୍ଧରାତ୍ରିରେ ଚୋରି କରିବାକୁ ଆସିଥିଲା । କିନ୍ତୁ ଏସି ଘରେ ପ୍ରବେଶ କରିବା ପରେ ତାକୁ ନିଦ ଲାଗିଲା ଏବଂ ଖଟିଆ ପାଖରେ ଚଟାଣରେ ସେ ଶୋଇପଡ଼ିଲା । ଆଖି ଖୋଲିବା ବେଳକୁ ପୁଲିସ ତାକୁ ଘେରିରହିଥିଲେ । ଗୋକର୍ଭମ ଗ୍ରାମ ନାସିନ୍ଦା ସୁରୀ ବାବୁ ନାମକ ୨୧ ବର୍ଷୀୟ ଏହି ଚୋର ନିକଟରେ ସ୍ଥାନୀୟ ପେଟ୍ରୋଲ ପମ୍ପ ମାଲିକ ସତ୍ତି ଭେଙ୍କଟ ରେଡ୍ଡୀଙ୍କ ଘରେ ଚୋର କରିବାକୁ ଉଦ୍ୟମ କରିଥିଲା । ଏହା ପୂର୍ବରୁ ସେ ରେଡ୍ଡୀଙ୍କ ଉପରେ ପୂରା ନଜର ରଖୁଥିଲା । ଘରର କେଉଁ ସ୍ଥାନରେ ସେ ଟଙ୍କା ରଖନ୍ତି,



କେଉଁ ବଖରାରେ ଶୁଅନ୍ତି ଇତ୍ୟାଦି ସବୁକିଛି ନିଜର ଥିଲା । ଦିନେ ରାତି ୪ଟାରେ ବାବୁ ଖୋଲା ଥିବା ରେଡ୍ଡୀଙ୍କ ଘର ଭିତରେ ପ୍ରବେଶ କଲା । ସେ ଦିନ ରେଡ୍ଡୀ କୌଣସି କାରଣବଶତଃ ନିଜ ଶୋଇବା କକ୍ଷରେ ଥିବା ଏକ ଟେବଲ ଉ ପରେ ଟଙ୍କା ରଖିଦେଇଥିଲେ । ରେଡ୍ଡୀଙ୍କ କୌଣସି ବଖରାରେ ବାବୁ ପ୍ରବେଶ କରି ଥଣ୍ଡା ପରିବଶେରେ ଆରାମ କରି ଅନୁଭବ କଲା ଏବଂ ସେହି ବଖରାର ଖଟିଆ ପାଖ ଚଟାଣରେ ଶୋଇପଡ଼ିଲା । ଦୀର୍ଘ ସମୟ ଧରି ତା' ଦିନ ଭାଙ୍ଗିଲା ନାହିଁ । ତେବେ ନିଦ ଭାଙ୍ଗିଲାବେଳକୁ ସବୁ କିଛି ଏପଟ ସେପଟ ହୋଇଯାଇଥିଲା । ସେ ଉଠିବା ପୂର୍ବରୁ ଘର ମାଲିକ ରେଡ୍ଡୀ ବେଶ ଚତୁରତାର ସହ ବାହାରକୁ ଯାଇ ପୁଲିସକୁ ଡକାଇ ସାରିଥିଲେ । ପୁଲିସ ପହଞ୍ଚିବା ପରେ ବାବୁ ନିଜକୁ ବଖରା ମଧ୍ୟରେ ବନ୍ଦ କରିଦେଲା । କିନ୍ତୁ ଶେଷରେ କୌଣସି ଉପାୟ ନପାଇ କବାଟ ଖୋଲିଲା ଏବଂ ନିଜ ଅପରାଧ ସ୍ୱୀକାର କଲା । ଗିରଫ ହେବା ପରେ ବାବୁ ପୁଲିସକୁ ନିଜ ବୟାନରେ କହିଛି, ସେ ଖୁବ୍ ଥକିପଡ଼ିଥିଲା । ତେଣୁ ଏସି ବଖରାରେ ପ୍ରବେଶ କରିବା ପରେ ନିଜକୁ ଅଟକାଇ ପାରିଲା ନାହିଁ ।

## ୭ ବର୍ଷୀୟା ଲେଖିକା




୭ ବର୍ଷୀୟା କୁନିଝିଅ ଅଭିଜିତା ଗୁପ୍ତ ଏବେ ଚର୍ଚ୍ଚାର ଶିଖରରେ । ତାର କାରଣ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ବୟସ ଏତେ କମ୍ ହୋଇଥିଲେ ମଧ୍ୟ ଜଣେ ଲେଖିକା ଭାବେ ସେ ନିଜର ପରିଚୟ ସୃଷ୍ଟି କରିଛନ୍ତି । 'ହାପିନେସ୍ ଅଲ୍ ଏରାଉଣ୍ଡ' ନାମକ ଏକ ବହି ସେ ରଚନା କରିଛନ୍ତି । ନିକଟରେ ତାକୁ ଅକ୍ସଫୋର୍ଡ ବୁକ୍‌ଷ୍ଟୋରର ଶିଶୁଶାଖା ଅକ୍ସଫୋର୍ଡ ଜୁନିୟର ପକ୍ଷରୁ ବଜାରକୁ ଅଣାଯାଇଛି । ଏହା କେତେଗୁଡ଼ିଏ ଗଳ୍ପ ଓ କବିତାର ସମାହାର । ଅଭିଜିତା ହେଉଛନ୍ତି ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ କବି ମୈଥିଳୀଶରଣ ଗୁପ୍ତ ଓ ସିୟାରାମଶରଣ ଗୁପ୍ତଙ୍କର ଅଣନାତୁଣୀ । ପୁସ୍ତକରେ ପ୍ରକାଶିତ ଲେଖାଗୁଡ଼ିକୁ ରଚନା କରିବା ସହିତ ସେ ପ୍ରଚ୍ଛଦର ଡିଜାଇନ୍ ନିଜେ କରିଛନ୍ତି । ଚିତ୍ରକୁ ମଧ୍ୟ ଆଙ୍କିଛନ୍ତି । ଏସଂପର୍କରେ ତାଙ୍କ ବାପା, ମା' ଆଶିଷ ଓ ଅନୁପ୍ରିୟା କହିଛନ୍ତି, 'ଅଭିଜିତା ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି । ବହି ପଢ଼ିବା ସହ ଲେଖାଲେଖି ପ୍ରତି ତାଙ୍କର ପ୍ରବଳ ଝୁଙ୍କ୍ ରହିଛି । ମାତ୍ର ୫ ବର୍ଷ ହୋଇଥିବା ସମୟରେ ସେ ତାଙ୍କର ପ୍ରଥମ ଗଳ୍ପ ଲେଖିଥିଲେ । ମା' ସରସ୍ୱତୀଙ୍କ ଆର୍ଶୀବାଦରୁ ସେ ତାଙ୍କ ପୂର୍ବପୁରୁଷଙ୍କ ପଦାଙ୍କ ଅନୁସରଣ କରୁଛନ୍ତି । ଆମେ ଆଶା କରୁଛୁ ସାହିତ୍ୟ ସଦନ ଘରାନାର ନାମକୁ ସେ ଆଗକୁ ନେବେ । ତାକୁ ନେଇ ଆମେ ଗର୍ବି ।' 'ହାପିନେସ୍ ଅଲ୍ ଏରାଉଣ୍ଡ' ପୁସ୍ତକରେ ପ୍ରକାଶିତ ସମସ୍ତ ରଚନା ଅସମ୍ପାଦିତ ଭାବେ ପ୍ରକାଶ କରାଯାଇଛି ଯେପରିକି ଅଭିଜିତାଙ୍କ ସରଳତା, ଅନୁଭବ ବଜାୟ ରହିବ । ସେହିପରି ତାଙ୍କ ଭୁଲ୍ ଗୁଡ଼ିକୁ ମଧ୍ୟ ସଂଶୋଧନ କରାଯାଇନାହିଁ ।

## ପାର୍କରେ ଆବର୍ଜନା ଫିଙ୍ଗିଲେ ପ୍ୟାକ୍ ହୋଇ ଘରକୁ ଆସିବ

ପାର୍କରେ ଅଭର୍ଜନା ଫିଙ୍ଗିବା ବହୁ ଲୋକଙ୍କର ଅଭ୍ୟାସ । ସେଭଳି ଲୋକଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଥାଇଲାଣ୍ଡରେ ଏକ ନିଆରା ଅଭିଯାନ ଆରମ୍ଭ ହୋଇଛି । 'ଦ ଖାୟୋ ୟାଇ ନ୍ୟାସନାଲ ପାର୍କ' ରୁ ତାକୁ ଆରମ୍ଭ କରାଯାଇଛି । ସେହି ଅଭିଯାନ ଅନୁସାରେ ଏହି ପାର୍କରେ ଆବର୍ଜନା ଫିଙ୍ଗିଲେ କର୍ତ୍ତୁପକ୍ଷ ତାକୁ କୋରିୟର ମାଧ୍ୟମରେ ପର୍ଯ୍ୟଟକଙ୍କ ଘରକୁ ପଠାଇଦେବେ । ସେହି କୋରିୟର ଉପରେ 'ଆପଣ ଏହାକୁ ପାର୍କରେ ଭୁଲି ଆସିଥିଲେ' ବୋଲି ଲେଖାଯିବ । କେବଳ ସେତିକି ନୁହେଁ, ଏଭଳି ଲୋକଙ୍କ ବିରୋଧରେ ପୁଲିସରେ ଅଭିଯୋଗ ବି କରାଯିବ । ଏସଂପର୍କରେ ପାର୍କ କର୍ତ୍ତୁପକ୍ଷ କହିଛନ୍ତି, 'ଏହି ପାର୍କ ବନ୍ୟଜୀବମାନଙ୍କ ପାଇଁ ବିଖ୍ୟାତ । ଏହା ୮୦୦ ବର୍ଗ ମାଇଲ ଅଞ୍ଚଳରେ ପରିବ୍ୟାପ୍ତ । ତେବେ ଅଧିକାଂଶ ସମୟରେ ଏଠାକୁ ଅସୁଥିବା ପର୍ଯ୍ୟଟକ ପାର୍କ ମଧ୍ୟରେ ଏଣେତେଣେ ଖାଲି ପ୍ଲାଷ୍ଟିକ୍ ବୋତଲ, କୋଲ୍ଡ୍ରିଙ୍କସ୍ କ୍ୟାନ, ପ୍ୟାକିଂ ହୋଇଥିବା ଖାଦ୍ୟକୁ ଛାଡ଼ି ଯାଇଥାନ୍ତି । ସେମାନଙ୍କ ସେହି ବଦଭ୍ୟାସକୁ ଛଡ଼ାଇବା ଲାଗି ଏପରି ନିୟମ ଆରମ୍ଭ କରାଯାଇଛି ।' ଏହି ପାର୍କରେ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନଙ୍କର ନାମ ଓ ଘରର ଠିକଣାକୁ ରେକର୍ଡଭୁକ୍ତ କରାଯାଉଛି । ଯେପରିକି କୌଣସି ପ୍ରକାର ଆବର୍ଜନା ଫିଙ୍ଗିଲେ ତାକୁ ସେମାନଙ୍କ ଘରକୁ ପାଠଯାଇ ପାରିବ । ଏଭଳି ଅଭିନବ ପଦକ୍ଷେପ ପଛରେ ରହିଛି ଦେଶର ପରିବେଶ ମନ୍ତ୍ରୀ ବାରାବୁତ ଶିଳ୍ପ ଆର୍ଚାଙ୍କର ମହତ ଉଦ୍ୟମ । ତାଙ୍କ ଅନୁସାରେ ଏହି ନ୍ୟାସନାଲ ପାର୍କରେ ଆବର୍ଜନାର ପରିମାଣ କ୍ରମଶଃ ବୃଦ୍ଧି ପାଉଛି । ବିଭିନ୍ନ ସମୟରେ ଏଠାକୁ ପର୍ଯ୍ୟଟକମାନେ ଆସୁଥିବାବେଳେ ସେମାନେ ବିପୁଳ ପରିମାଣର ଆବର୍ଜନା ଛାଡ଼ି ଯାଉଛନ୍ତି । ପାର୍କରେ ରହୁଥିବା ବନ୍ୟଜୀବଙ୍କ ପାଇଁ ଏହା ଖୁବ୍ କ୍ଷତିକାରକ । ସେଥିଲାଗି ଏହି ନୂଆ ନିୟମ ଆଣାଯାଇଛି । ନିଜ ଏକାଉଣ୍ଟରେ ନିକଟରେ ସେ ପାର୍ସଲ ହେବାକୁ ଥିବା କିଛି ଆବର୍ଜନାର ଫଟୋ ପୋଷ୍ଟ କରିଛନ୍ତି ।



## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।

## ନିଉଟନ୍, ଗାଲିଲିଓଙ୍କ ଦୁଷ୍ପ୍ରାପ୍ୟ ବହି ମିଳିଲା


ରୋମାନିଆ ପୁଲିସ ବୁଧବାର ଏକ ଘରର ଚଟାଣ ତଳୁ ପ୍ରାୟ ୨୦୦ଖଣ୍ଡ ଦୁଷ୍ପ୍ରାପ୍ୟ ବହି ଉଦ୍ଧାର କରିଛି । ତାର ମୂଲ୍ୟ ୨୩.୭ କୋଟି ହେବ । ସେଥିମଧ୍ୟରେ ପ୍ରସିଦ୍ଧ ବୈଜ୍ଞାନିକ ଗାଲିଲିଓଙ୍କ, ନିଉଟନ୍ ଏବଂ ଚିତ୍ରକର ଫ୍ରାନ୍‌ସିସ୍କୋ ଗୋୟାଙ୍କର ପ୍ରଥମ ସଂରକ୍ଷଣର କିଛି ବହି ସାମିଲ । ୨୦୧୭ରେ ପଶ୍ଚିମ ଲଣ୍ଡନର ଏକ ଗୋଦାମରୁ ତାହା ଚୋରି ହୋଇଯାଇଥିଲା । ଆମେରିକାର ଲସ୍ ଭେଗାସ୍‌ରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ନିଲାମୀରେ ଭାଗ ନେବା ପୂର୍ବରୁ ବହିଗୁଡ଼ିକୁ ସେଠାରେ ରଖାଯାଇଥିଲା । ପୁଲିସ ଅନୁସାରେ ଡକାୟତମାନେ ଛାତ କଣା କରି ସେହି ଘରେ ପ୍ରବେଶ କରିଥିଲେ । ୧୬ଟି ବଡ଼ ବ୍ୟାଗରେ ବହିକୁ ଭର୍ତ୍ତି କରି ପୁଣି ସେହି ବାଟେ ଫେରିଯାଇଥିଲେ । ସେବେଠାରୁ ବହିଗୁଡ଼ିକୁ ଉଦ୍ଧାର କରିବା ଲାଗି ବ୍ରିଟେନ୍, ରୋମାନିଆ ଏବଂ ଇଟାଲୀର ପୁଲିସ ବିଭାଗ ଉଦ୍ୟମ ଅବ୍ୟାହତ ରଖିଥିଲା । ଗତବର୍ଷ ଜୁନ୍ ମାସରେ ଏଥିଲାଗି ଉପରୋକ୍ତ ୩ଟି ଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଶେଷରେ ବୁଧବାର ଉତ୍ତର-ପୂର୍ବ ରୋମାନିଆର ନିମ୍‌ଟରେ ଥିବା ଏକ ଘରର ଖାନତଲାସୀ ନିଆଯାଇଥିଲା । ସେଠାରେ ଚଟାଣ ତଳେ ବହିଗୁଡ଼ିକୁ ପୋତା ଯାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି । ଏହା ପଛରେ ରୋମାନିଆର ଏକ ଅପରାଧୀ ଗ୍ୟାଙ୍ଗର ହାତ ଥିବା ବ୍ରିଟେନ୍ ପୁଲିସ କହିଛି । ସେହିପରି ବ୍ରିଟେନ୍ ପୁଲିସ ଜଣେ ଅଧିକାରୀ କହିଛନ୍ତି, 'ଏହି ବହିଗୁଡ଼ିକ ଅତି ମୂଲ୍ୟବାନ । ଏଗୁଡ଼ିକ ଦୁଷ୍ପ୍ରାପ୍ୟ ହୋଇଥିବାରୁ ଅର୍ନ୍ତଜାତୀୟ ସାଂସ୍କୃତିକ ଐତିହ୍ୟ ପାଇଁ ଏହାର ଅତ୍ୟନ୍ତ ଗୁରୁତ୍ୱ ରହିଛି ।



# ଧଉଳିରେ ଶ୍ରୀଲଙ୍କା ବୋଧିଦ୍ରୁମ ଆରତୀ

ଭୁବନେଶ୍ୱର,୦୨।୧୦ (ନି.ପ୍ର): ଧଉଳୀ ଶାନ୍ତି ବନରେ ଶ୍ରୀଲଙ୍କା, ଅନୁରାଧାପୁରରୁ ଆଣି ଲଗାଯାଇଥିବା ବୋଧିଦ୍ରୁମର ଆଜି ପୂର୍ଣ୍ଣିମା ଅବସରରେ ଆରକ୍ଷୀ ଓ ବୃକ୍ଷ ପୂଜା ସମ୍ପନ୍ନ ହୋଇଛି । ମୁଖ୍ୟଅତିଥି ରୂପେ ଯୋଗଦେଇ ରାଧାବଲ୍ଲଭ ମଠର ସଭାପତି ପୂଜ୍ୟ ଶ୍ରୀ ରାମକୃଷ୍ଣ ଦାସ ମହାରାଜ ପ୍ରଥମେ ବୋଧିଦ୍ରୁମ ଆରତୀ କରିଥିଲେ । ଏସ୍.ଓ.ଏ. ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଅଶୋକ ମହାପାତ୍ର ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜଗମୋହନଙ୍କ ସହାୟତାରେ ଶାନ୍ତିବନ ପ୍ରତିଷ୍ଠା ହେବାକଥା ମନେ ପକାଇଥିଲେ । ଓଡ଼ିଶା ସରକାର ଏହି ଶାନ୍ତିବନର ବିକାଶ ପାଇଁ ଦୃଷ୍ଟି ଦିଅନ୍ତୁ ବୋଲି ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରର ବିଶିଷ୍ଟ ସମାଜସେବୀ ଚନ୍ଦ୍ରକଳା ପଟ୍ଟନାୟକ ଯୋଗଦେଇ ବର୍ତମାନ ସମାଜରେ ବୁଦ୍ଧଙ୍କର ବାଣୀ ଅନୁସରଣ କରିବା ଅତିବ ଆବଶ୍ୟକ ବୋଲି କହିଥିଲେ । ଏହି ଶାନ୍ତିବନକୁ ଏକ ବିଶେଷ ପର୍ଯ୍ୟଟନସ୍ଥଳୀ ହିସାବରେ ଗଢ଼ି ତୋଳିବା ପାଇଁ ଓଡ଼ିଶା ସରକାରଙ୍କୁ ଜଣାଇବେ ବୋଲି ସୂଚନା ଦେଇଥିଲେ । ଏହି ବୋଧିଦ୍ରୁମ ନିକଟରେ ସାତଟି ବଡ଼ବଡ଼ ସୁଦୃଶ୍ୟ ବୁଦ୍ଧ ମୂର୍ତି ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ଥାପିତ କରାଯାଇଛି । ପ୍ରତି ପୂର୍ଣ୍ଣିମାରେ ବୁଦ୍ଧିଷ୍ଟ ହେରିଟେଜ୍ ପ୍ରମୋସନ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ଶ୍ରୀଲଙ୍କାରୁ ଆସିଥିବା ଏହି ବୋଧିଦ୍ରୁମର ଆରତୀ ଓ ପୂଜା ୨୦୧୮ ମସିହାଠାରୁ ଆୟୋଜନ କରିଆସୁଅଛି । ପ୍ରତି ପୂର୍ଣ୍ଣିମାରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏହି ସ୍ଥାନର ପ୍ରଶଂସା କରୁଛନ୍ତି ଓ ଦାବି କରୁଛନ୍ତି ଏହାର ସୌନ୍ଦର୍ଯ୍ୟକରଣ ଓ ବିକାଶ କରାଯାଉ । ବୁଦ୍ଧିଷ୍ଟ ହେରିଟେଜ୍ ପ୍ରମୋସନ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଏହି ଶାନ୍ତିବନକୁ ପର୍ଯ୍ୟଟନସ୍ଥଳୀ ବିକାଶ ପାଇଁ ସରକାରଙ୍କୁ ଏକ ସ୍ମାରକପତ୍ର ଦେବାପାଇଁ ସ୍ଥିର କରିଛି । ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜୟପ୍ରକାଶ ମିଶ୍ର, ଶ୍ରୀ ଭାବଗ୍ରାହୀ ଶାନ୍ତି, ଶ୍ରୀ ଉଦୟ ଶାନ୍ତି, ଶ୍ରୀମତୀ କୁମୁଦିନୀ ପଣ୍ଡା, ଇନ୍ଦିରା ମିଶ୍ର, ଇଂଜିନିୟର ମାନ୍ଧାତା ଓ ବିଶିଷ୍ଟ ସମାଜସେବୀ ଗୀତାଞ୍ଜଳି ପଣ୍ଡା ଯୋଗଦଇ ଏହି ଶାନ୍ତିବନକୁ ସ୍ୱତନ୍ତ୍ର ପର୍ଯ୍ୟଟନସ୍ଥଳୀ କରିବା ପାଇଁ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ବିପିନ୍ ଦାସ, ମନୋଜ ବିଶ୍ୱାଳ, ପ୍ରଶାନ୍ତ ମିଶ୍ର ଓ ଅଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

# ସେବା ନିବୃତ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



ଭଦ୍ରକ,୨।୧୦(ହି.ସ) : ଭଦ୍ରକ ବ୍ଲକ ବରାଙ୍ଗ ଗ୍ରାମର ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ନବକିଶୋର ପଲାଇଙ୍କ କରୋନା ଯୋଗୁ ମୃତ୍ୟୁ ଘଟିଛି । ଗତ ୫ ଦିନ ତଳେ ସେ କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହୋଇ ଭଦ୍ରକ ସାଳନ୍ଦୀ କୋଭିଡ଼୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଗତକାଲି କଟକ ସ୍ଥାନାନ୍ତର କରାଯାଇଥିଲା । ତେବେ ରାସ୍ତାରେ ଯିବା ବେଳେ ନଳାଙ୍ଗ ନିକଟରେ ତାଙ୍କର ମୃତ୍ୟୁ ହୋଇ ଯାଇଛି । ସେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ଅନ୍ତରା ମହତିପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ । ସେ ସେଠାରେ ଦୀର୍ଘ ୩୦ ବର୍ଷ ଧରି ଶିକ୍ଷକତା କରିଥିଲେ । ପୂର୍ବତନ ରାଜ୍ୟ ବିହନ ନିଗମର ଅଧ୍ୟକ୍ଷ ଥିବା ତଥା ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବା ବିକ୍ରମ କେଶରୀ ବର୍ମା ପ୍ରଧାନ ଶିକ୍ଷକ ପଦ ଛାଡିବା ପରେ ଶ୍ରୀ ପଲାଇ ପ୍ରଧାନ ଶିକ୍ଷକ ଭାର ସମ୍ଭାଳିଥିଲେ । ସେ ଜଣେ ଅମାୟିକ, ଛାତ୍ର ବତ୍ସଳ ପରୋପକାରୀ ମଣିଷ ଥିଲେ । ଚାକିରି ସମୟରେ ଏବଂ ଚାକିରି ପରେ ମଧ ସେ ବହୁ ସାମାଜିକ ସଂଗଠନ ସହିତ ଜଡିତ ରହି ସମାଜସେବା କରୁଥିଲେ । ତାଙ୍କୁ ମୃତ୍ୟୁରେ ପୂର୍ବତନ ଛାତ୍ର ତଥା ଭଦ୍ରକ ଜିଲ୍ଲାପରିଷଦ ସଭ୍ୟ କ୍ଷୀରୋଦ ରାଉତ, ଅନ୍ତରା ପଞ୍ଚାୟତର ସରପଞ୍ଚ ତଥା ସହଯୋଗୀ ଶିକ୍ଷକ ଅନନ୍ତ ମହାପାତ୍ର, ସହକର୍ମୀ ସୁରେନ୍ଦ୍ର ପ୍ରସାଦ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଖିଲାର, ପୂର୍ବତନ ଛାତ୍ର ଆଇନଜୀବୀ ଗଦାଧର ବଳ, ଜେ.କେ.ବି.କେ. କଲେଜର ଅଧ୍ୟକ୍ଷ ଅନନ୍ତ କିଶୋର ଜେନା, ବରୀଥାନା ଅଧିକାରୀ ଅଜୟ ଜେନା, ସ୍ମୃତି ରଂଜନ ବଳ, ରଶ୍ମି ରଂଜନ କର, ପୂର୍ବତନ ସରପଞ୍ଚ ମହେଶ୍ୱର ପଲାଇ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୫୩ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୦୨।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୫୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୧୦୪୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୪୯୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ଗଜପତି ଜିଲ୍ଲାବାସୀଙ୍କ ଠାରେ ସର୍ବାଧିକ ୬୫% ଆଂଟିବଡି

ଭୁବନେଶ୍ୱର,୦୨।୧୦ (ନି.ପ୍ର): ସେରୋ ସର୍ଭେ ରୁ ମିଳିଥିବାତଥ୍ୟ ଅନୁଯାୟୀ ଗଜପତି ଜିଲ୍ଲାରେ ସର୍ବାଧିକ ୬୫ ପ୍ରତିଶତ ଆଂଟିବଡ଼ି ସୃଷ୍ଟି ହୋଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରଏମ୍ଆରସି ନିର୍ଦ୍ଦେଶିକା ଡ.ସଂଘମିତ୍ରା ପତି ଏହି ସୂଚନା ଦେଇଛନ୍ତି । ଗଜପତି ଜିଲ୍ଲାରେ ସେରୋ ସର୍ଭେ ସମ୍ପର୍କରେ ସେ କହିଛନ୍ତି ଯେ,୧୫ ସେପ୍ଟେମ୍ବରରୁ ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଗଜପତି ଜିଲ୍ଲାରେ ଆରଏମ୍ଆରସିର ୫ଟି ଦଳ ପର୍ଯ୍ୟାୟ କ୍ରମେ ସେରୋ ନମୁନା ସଂଗ୍ରହ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଗୋଷ୍ଠୀରୁ ୯୮୪ ଏବଂ ଅତି ସମ୍ବେଦନଶୀଳ ଲୋକଙ୍କ ମଧ୍ୟରୁ ୫୩୧ ଜଣ ଏହିପରି ସମୁଦାୟ ୧୫୧୫ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଏହି ନମୁନା ପରୀକ୍ଷଣରୁ ଜଣାପଡ଼ିଛି ଯେ ଗଜପତି ଜିଲ୍ଲାରେ ୬୪.୬୭ ପ୍ରତିଶତ ବା ଦୁଇ-ତୃତୀୟାଂଶ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି । କୋଭିଡ୍ ଯୋଦ୍ଧାମାନଙ୍କ ମଧ୍ୟରେ ୫୪ ପ୍ରତିଶତ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ମଧ୍ୟରେ ୫୦ ପ୍ରତିଶତଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥିବାର ଜଣାପଡ଼ିଛି। ଆଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିବା ସେରୋ ସର୍ଭେ ମଧ୍ୟରେ ଏହି ଫଳାଫଳ ସର୍ବାଧିକ । ୯୫ ପ୍ରତିଶତ ଲୋକଙ୍କ ମଧ୍ୟରେ କୌଣସି ଲକ୍ଷଣ ନଥିଲା । ପ୍ରଥମ ଥର ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଥିବାର ଜଣାପଡ଼ିଛି । ଅନ୍ୟପକ୍ଷରେ ଅକ୍ଟୋବର ୫ ତାରିଖରୁ ମାଲକାନଗିରି ଜିଲ୍ଲାରେ ଏପରି ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । ପରେ ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟରେ ଏବଂ କଟକରେ ମଧ ଏହି ସେରୋ ସର୍ଭେ କରାଯିବ ବୋଲି ଡା. ପତି ସୂଚନା ଦେଇଛନ୍ତି ।

# ମାରୁତି ସେନା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଭଦ୍ରକ, ୨/୧୦(ହି.ସ.) - ସମାଜସେବୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ରହସ୍ୟକୁ ତୁରନ୍ତ ଲୋକଲୋଚନକୁ ଆଣିବା ପାଇଁ ବନ୍ତ ବ୍ଲକ୍ର ସାମାଜିକ ସଂଗଠନ ମାରୁତି ସେନା ପକ୍ଷରୁ ଭଦ୍ରକ ଜିଲ୍ଲାପାଳ ଜ୍ଞାନ ଦାସଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ ସାମାଜିକ କର୍ମୀ ତଥା ମାନବପ୍ରେମୀ ଆଦିତ୍ୟ ଦାସ ଦୀର୍ଘ ଦିନ ଧରି ଅସହାୟ ଲୋକମାନଙ୍କୁ ସହାୟତାର ହାତ ବଢ଼ାଇବା ସହ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟରେ ସଂମ୍ପୃକ୍ତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲା ବେଳେ କେତେକ ଇର୍ଷାପରାୟଣ ବ୍ୟକ୍ତିଙ୍କ ଷଡଯନ୍ତ୍ରର ଶିକାର ହୋଇ ମୃତ୍ୟୁବରଣ କରିଥିଲେ । ଆଦିତ୍ୟଙ୍କ ମୃତ୍ୟୁର ପ୍ରକୃତ କାରଣ ଲୋକଲୋଚନକୁ ଆଣିବା ନିମନ୍ତେ ରାଜ୍ୟ ସରକାର ତଦନ୍ତଭାର କ୍ରାଇମ୍ବ୍ରାଂଚକୁ ଦେଇଥିଲେ । ତେବେ ତଦନ୍ତର ଶିଥଳତାକୁ ବିରୋଧ କରି ମାରୁତିସେନାର ସଭାପତି ଆଲୋକ କୁମାର ରାଉତ, ସମ୍ପାଦକ ପ୍ରେମାନନ୍ଦ ଜେନା, ସଭ୍ୟ ରାଧାକାନ୍ତ ଓଝା, କାଳିଶଙ୍କର ରାୟ, ଆଶୁତୋଷ ଦାସ, ଭାଗିରଥୀ ଜେନା, ବୀର କିଶୋର କର, ମଧୁସ୍ମିତା ବେଜ, ସାଗରିକା ମହାପାତ୍ର, ସାବିତ୍ରୀ ଦେ ପ୍ରମୁଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ ।

# କୋର୍ଟ ଫି ସଂଶୋଧନ ବିଲ୍ ପାରିତ : ଏଣିକି ଇ ପେମେଂଟରେ ଦାଖଲ ହେବ କୋର୍ଟ ଫି

ଭୁବନେଶ୍ୱର,୦୨।୧୦ (ନି.ପ୍ର): ଏଣିକି ଆବେଦନକାରୀ ଇ-ପେମେଂଟ ମାଧମରେ କୋର୍ଟ ଫି' ପ୍ରଦାନ କରିପାରିବେ । ଏଥିପାଇଁ ସୁପ୍ରିମ୍ କୋର୍ଟଙ୍କ ଇ- କମିଟି ଏକ ଇପ୍ରଦାନ ୱେବ୍ ପୋର୍ଟାଲ ବିକଶିତ କରିଛନ୍ତି । କୋର୍ଟଫି ଷ୍ଟାମ୍ପ ଜରିଆରେ କୋର୍ଟ ଫି' ପ୍ରଦାନ କରିପାରିବେ । 'କୋର୍ଟ ଫି(ଓଡ଼ିଶା ସଂଶୋଧନ) ବିଲ-୨୦୨୦ ଗୁରୁବାର ଦିନ ବିଧାନସଭାରେ ପାରିତ ହେବା ପରେ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ଇ-ଫାଇଲିଂ ମାମଲା ଦାଏର କରାଯିବାବେଳେ କୋର୍ଟ ଫି' ଷ୍ଟାମ୍ପ ଜରିଆରେ କୋର୍ଟ ଫିସ୍ ପ୍ରଦାନ କରାଯିବା ସହ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ଇ-ପେମେଟ ପ୍ରଦାନ ଓ ଫେରସ୍ତର ବ୍ୟବସ୍ଥା ରହିଛି । ରାଜ୍ୟପାଳଙ୍କ ମଞ୍ଜୁରୀ ପରେ ଏହି ନୂଆ ନିୟମ କାର୍ଯ୍ୟକ୍ଷମ ହେବ । ଗୁରୁବାର ଦିନ ବିଧାନସଭାରେ ଆଇନ ମନ୍ତ୍ରୀ ପ୍ରତାପ ଜେନା 'କୋର୍ଟ ଫି(ଓଡ଼ିଶା ସଂଶୋଧନ) ବିଲ-୨୦୨୦କୁ ପାରିତ ନିମନ୍ତେ ଗୃହର ଅନୁମୋଦନ ଲୋଡ଼ିଥିଲେ । ମନ୍ତ୍ରୀ ଶ୍ରୀ ଜେନା ଏହି ସଂଶୋଧନ ସମ୍ପର୍କରେ ତଥ୍ୟ ରଖି କହିଥିଲେ ଯେ, କୋର୍ଟ ଫି ଅଧିନିୟମ-୧୮୭୦ର ବ୍ୟବସ୍ଥା ଅନୁସାରେ କୋର୍ଟ ଫି ଷ୍ଟାମ୍ପ ଦ୍ୱାରା ହି କେବଳ କୋର୍ଟ ଫି' ପ୍ରଦାନ କରାଯାଇପାରିବ । ଏବେ କୋଭିଡ-୧୯ ମହାମାରୀ ବିପତି ଦୃଷ୍ଟିରୁ ହାଇକୋର୍ଟ ଓ ଅଧସ୍ତନ କୋର୍ଟଗୁଡ଼ିକରେ ବହୁତ କଟକଣା ମଧ୍ୟରେ ଭିଡିଓ କନଫରେନ୍ସିଂ ମାଧମରେ କୋର୍ଟ କାର୍ଯ୍ୟ ସମ୍ପାଦନ ହେଉଛି । ତା'ଛଡ଼ା ରାଜ୍ୟ ସରକାରଙ୍କ ସାମାଜିକ ଦୂରତ୍ୱ ଗାଇଡଲାଇନ୍ ଅନୁସାରେ ହାଇକୋର୍ଟ ମଧ ମାମଲାଗୁଡ଼ିକୁ ଇ-ଫାଇଲିଂ ଜରିଆରେ ଦାଏର କରିବାକୁ ଅନୁମତି ଦେଉଛନ୍ତି । ସେ ଦୃଷ୍ଟିରୁ ଇ-ପେମେଂଟ ମାଧମରେ କୋର୍ଟ ଫି' ପ୍ରଦାନ କରାଯିବାର ଆବଶ୍ୟକତା ଅନୁଭବ ହେଲା । ଏହାଦ୍ୱାରା କୋଭିଡ୍ ମହାମାରୀ ବିପତିବେଳେ ତଥା ଆଗାମୀ ଦିନରେ ମକଦ୍ଦମାକାରୀ ଓ ଅନ୍ୟ ବ୍ୟକ୍ତିମାନେ ନ୍ୟାୟିକ ପ୍ରକ୍ରିୟାର ସୁଲଭ ଉପଯୋଗ କରିପାରିବେ ବୋଲି ଶ୍ରୀ ଜେନା କହିଛନ୍ତି ।

# ରାଉରକେଲା-ଭୁବନେଶ୍ୱର ସ୍ପେଶାଲ ଟ୍ରେନ ସେବା ୩୧ ଡିସେମ୍ବର ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୦୨।୧୦ (ନି.ପ୍ର): ରାଉରକେଲା-ଭୁବନେଶ୍ୱର-ରାଉରକେଲା ଆନ୍ତ ରାଜ୍ୟ ଟ୍ରେନର ସେବାକୁ ୩୧ ଡିସେମ୍ବର, ୨୦୨୦ ପର୍ଯ୍ୟନ୍ତ ନିମ୍ନଲିଖିତ ଅନୁଯାୟୀ ବୃଦ୍ଧି କରିବାକୁ ନିଷ୍ପତି ନିଆଯାଇଛି । ୦୨୮୬୧/୦୨୮୬୨ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ୍ ରାଉରକେଲାରୁ ଶନିବାର ଏବଂ ରବିବାର ବ୍ୟତୀତ ପ୍ରତିଦିନ ୦୫.୧୦ ଘଂଟାରେ (ସକାଳ ୫ ଘ. ୧୦ମି.) ଛାଡ଼ି ୧୨.୩୦ ଘଂଟାରେ (ଅପରାହ୍ନ ୧୨ଘ.୩୦ମି.)ରେ ଭୁବନେଶ୍ୱରରେ ପହଂଚିବ । ଫେରିବା ମାର୍ଗରେ ୦୨୮୬୨ ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ଶନିବାର ଏବଂ ରବିବାର ବ୍ୟତୀତ ପ୍ରତିଦିନ ୧୪.୧୦ ଘଂଟାରେ (ଅପରାହ୍ନ ୨ଘ.୧୦ମିରେ) ଛାଡ଼ି ରାଉରକେଲାରେ ୨୧.୪୦ ଘଂଟାରେ (ରାତ୍ର ୯ଘ.୪୦ମି.)ରେ ପହଂଚିବ । ଏହି ଟ୍ରେନ୍ ଉଭୟ ଦିଗରୁ ରାଉରକେଲା ଏବଂ ଭୁବନେଶ୍ୱର ମଧ୍ୟରେ ରାଜଗାଙ୍ଗପୁର, ବାମାରା, ଝାରସୁଗୁଡ଼ା, ରେଙ୍ଗାଲୀ, ସମ୍ବଲପୁର ସିଟି, ରେଢ଼ାଖୋଲ, ବଲଣ୍ଡା, ଅନୁଗୁଳ, ତାଳଚେର ରୋଡ୍, ଢ଼େଙ୍କାନାଳ ଏବଂ ନରାଜ ମାର୍ଥାପୁରରେ ରହଣି କରିବ ।

# ପାଣିକୋଇଲି ବଜାର କମିଟିର ପୂର୍ବତନ ସମ୍ପାଦକଙ୍କର ବିୟୋଗ

କୋରେଇ,୦୨।୧୦ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ବଜାର କମିଟିର ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ନାଗରିକ ମଂଚର ସକ୍ରିୟ ସଦସ୍ୟ ବାବାଜୀ ଚରଣ ସାହୁଙ୍କର ବୁଧବାର ରାତି ୧୦.୪୫ ସମୟରେ କାଙ୍କଲାପାଟଣାସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା । ସ୍ୱର୍ଗତ ସାହୁ ଦୀର୍ଘ ୨୫ ବର୍ଷ ଧରି ପାଣିକୋଇଲି ବଜାର କମିଟିର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସିବା ସହିତ ବରିଷ୍ଠ ନାଗରିକ ମଂଚର ସକ୍ରିୟ ସଦସ୍ୟ ଭାବେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ । ଏଥି ସହିତ ମା ତାରିଣୀଙ୍କ ମନ୍ଦିରରେ ଆୟୋଜିତ ହେଉଥିବା ଅଷ୍ଟପ୍ରହରୀ ନାମସଂକୀର୍ତନ ଓ ଶ୍ରୀ ରାମ ଚରିତ ମାନସ ଆଦି କାର୍ଯ୍ୟକ୍ରମରେ ଜଣେ ଆଗଧାଡ଼ିର ସହଯୋଗୀ ଥିଲେ । ତାଙ୍କ ଶେଷ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ ଆନନ୍ଦ ଓ ନାରାୟଣ, ଦୁଇ ଝିଅ ଜୟନ୍ତୀ ଓ ବାସନ୍ତୀଙ୍କ ସମେତ ଦୁଇ ବୋହୂ, ଜ୍ୱାଇଁ ଏବଂ ସମସ୍ତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ଚଳିତ ବର୍ଷ ଜାନୁଆରୀ ମାସରେ ତାଙ୍କର ପତ୍ନୀଙ୍କର ଦେହାନ୍ତ ହୋଇଥିଲା । ତାଙ୍କର ମୃତ୍ୟୁ ଖବର ଶୁଣି ପାଣିକୋଇଲି ମା ତାରିଣୀ ମନ୍ଦିରର ପୂଜକ ସୂର୍ଯ୍ୟମଣୀ ପଣ୍ଡା, ବଜାର କମିଟିର ସଭାପତି ବିଜନ ଧଳ, ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟଙ୍କ ସମେତ ସମସ୍ତ ସଦସ୍ୟ ଶୋକ ବ୍ୟକ୍ତ କରିଛନ୍ତି । ତାଙ୍କର ମର ଶରୀରକୁ ସ୍ୱର୍ଗରଥରେ ପାଣିକୋଇଲି ବଜାର ପରିକ୍ରମା କରାଯିବା ପରେ ବାରୁଣୀ ପଡ଼ିଆରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ଆନନ୍ଦ ମୁଖାଗ୍ନି ଦେଇଥିଲେ ।

# କୋଭିଡ଼ ପ୍ରତିରୋଧ ପାଇଁ ଭୁବନେଶ୍ୱରରେ ଆରମ୍ଭ ହେଲା ଅଗ୍ନିହୋତ୍ର ଯଜ୍ଞ

ଭୁବନେଶ୍ୱର,୦୨।୧୦ (ନି.ପ୍ର):ବିଶ୍ୱରେ ମହାମାରୀ କୋଭିଡ୍ ଭୀଷଣ ରୂପ ଧରିଥିବା ବେଳେ ଏହାର ପ୍ରତିହତ ପାଇଁ ୧ ଅକ୍ଟୋବର ଠାରୁ ବିନ୍ଦୁସାଗର କୂଳରେ ବେଦୋକ୍ତ ଅଗ୍ନିହୋତ୍ର ଯଜ୍ଞ ଆରମ୍ଭ ହୋଇଛି । ଗୁରୁବାର ସକାଳୁ କର୍ଣ୍ଣେଲ ବିଶ୍ୱେଶ୍ୱର ରାଉତ ଓ ତାଙ୍କ ପତ୍ନୀଙ୍କ ଦ୍ୱାରା ବିନ୍ଦୁ ସାଗରରୁ ପବିତ୍ର କଳସ ଉଠାଯାଇ ଯଜ୍ଞ ସମ୍ପନ୍ନ କରାଯାଇଥିଲା । ଏହି ଯଜ୍ଞରେ ପ୍ରତିଦିନ ଜଣେ ଜଣେ ନୂତନ କର୍ତା ଅଗ୍ନିହୋତ୍ର ଜଜ୍ଞ କରିବେ । ଏହି ଯଜ୍ଞ ୭୫ଦିନ ଧରି ଚାଲିବ ବୋଲି ଓଡ଼ିଶା ଇଂଟରନ୍ୟାସ୍ନାଲ୍ ସେଂଟର ପକ୍ଷରୁ କୁହାଯାଇଛି । ଏହି ଯଜ୍ଞ ଜିବାଣୁନାଶକ ବୋଲି ବେଦରେ କୁହାଯାଇଛି । କୋଭିଡ୍ ଜିବାଣୁକୁ ନାଶ କରିବା ପାଇଁ ଅଗ୍ନିହୋତ୍ର ଯଜ୍ଞ ଏକ ବିଶେଷ ପ୍ରତିରୋଧକ ବୋଲି ବିଶିଷ୍ଟ ସାଧୁସନ୍ଥମାନେ କହିଛନ୍ତି । ସମୁଦ୍ର ମନ୍ଥନ ସମୟରେ ଭଗବାନ ଧନ୍ୱନ୍ତରୀଙ୍କର ଆବିର୍ଭାବ ପରେ ସେ ସବୁ ଦେବତାମାନଙ୍କୁ ଅଗ୍ନିହୋତ୍ର ମନ୍ତ୍ର ଓ ଶ୍ରୀ ଅଚ୍ୟୁତାୟ ନମଃ, ଶ୍ରୀ ଅନନ୍ତାୟ ନମଃ ଓ ଶ୍ରୀ ଗୋବିନ୍ଦାୟ ନମଃ ନାମ ଜପ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ନାମ ଜପକଲେ ସକଳ ରୋଗରୁ ଉପସମ ମିଳିଥାଏ ବୋଲି ପାଣ୍ଡବ ଗୀତାରେ ଭଗବାନ ଧନ୍ୱନ୍ତରୀ କହିଥିଲେ । ଏହି ଅଗ୍ନିହୋତ୍ର ଯଜ୍ଞ ସମାପ୍ତି ପରେ ଆଗାମୀ ୧୪ ଡିସେମ୍ବର ଦେବ ଦୀପାବଳୀ ଅବସରରେ ପୁରୀ ଶ୍ରୀମନ୍ଦିରରେ ୧ଲକ୍ଷ ଦୀପ ଜଳାଇବା ପାଇଁ ଓଡ଼ିଶା ଇଂଟରନ୍ୟାସନାଲ୍ ସେଂଟର ଯୋଜନା କରୁଛି । ଏହି ଦୀପ ଦାନ ଆମର ସବୁ ପୂର୍ବପୁରୁଷମାନଙ୍କୁ ଅର୍ଘ୍ୟ ପ୍ରଦାନ ସହିତ କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ବିଶ୍ୱର ସମସ୍ତ ଆତ୍ମା ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଇଣ୍ଟରନ୍ୟାସ୍ନାଲ୍ ସେଂଟରର ସଭାପତି ଶ୍ରୀ ପରେଶ ନାୟକ ସମବେତ ଭକ୍ତମାନଙ୍କୁ ଶ୍ରୀ ଅଚ୍ୟୁତାୟ, ଶ୍ରୀ ଅନନ୍ତାୟ ଓ ଶ୍ରୀ ଗୋବିନ୍ଦାୟ ମନ୍ତ୍ର ସହିତ ଗୋଟିଏ ଗୋଟିଏ ଜପାମାଳି ପ୍ରଦାନ କରିଥିଲେ ।

# କାଳିଆ ଯୋଜନାରେ ୪୮,୬୫,୦୫୩ ହିତାଧିକାରୀଙ୍କ ମଧ୍ୟରୁ ୧,୦୬,୩୬୧ ଅଯୋଗ୍ୟ

ଭୁବନେଶ୍ୱର,୦୨।୧୦ (ନି.ପ୍ର): କାଳିଆ ଯୋଜନାରେ ବର୍ତମାନ ସୁଦ୍ଧା ୧,୦୬,୩୬୧ ଜଣ ଚାଷୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି । ଅଯୋଗ୍ୟ ଚାଷୀଙ୍କ ଠାରୁ ସହାୟତା ଟଙ୍କା ଫେରସ୍ତ ପାଇଁ କୃଷି କର୍ମଚାରୀଙ୍କ ମାଧ୍ୟମରେ ପ୍ରତ୍ୟେକ ଅଯୋଗ୍ୟ ଚାଷୀଙ୍କୁ ଭେଟି ସହାୟତା ରାଶି ଫେରସ୍ତ ପାଇଁ ଅନୁରୋଧ ପତ୍ର ଦିଆଯାଇଥିଲା । ତେବେ କୋଭିଡ୍ ୧୯ କଟକଣା ପାଇଁ ଏହି ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ବିଧାନସଭାରେ ପ୍ରକାଶ କରିଛନ୍ତି । କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ପ୍ରଶ୍ନର ଉତରରେ ମନ୍ତ୍ରୀ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ ୨୦୧୮-୧୯ ଓ ୨୦୧୯-୨୦ ବର୍ଷରେ କାଳିଆ ଯୋଜନାରେ ୪୮,୬୫,୦୫୩ ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇ ସହାୟତା ରାଶି ବାବଦକୁ ପ୍ରତ୍ୟେକ କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଏହି ଯୋଜନାରେ କେନ୍ଦ୍ର ସରକାର କୌଣସି ଅର୍ଥ ପ୍ରଦାନ କରିନାହାନ୍ତି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି ।

## ସମ୍ବଲପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୯୮ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୦୨।୧୦ (ନି.ପ୍ର): ସମ୍ବଲପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୯୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସମ୍ବଲପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତ ।

## ମେ ଆଇ ହେଲ୍ପ ୟୁ : ମୋ ପରିବାର ପକ୍ଷରୁ ରାସ୍ତା ସଫେଇ

ଜଳେଶ୍ୱର,୦୨।୧୦ (ନି.ପ୍ର): ଜଳେଶ୍ୱରରେ ନୂତନଭାବେ ଯୋଗ ଦେଇଥିବା ଆଇଆଇସି ମାନସ ଦେଓ୍ୱଙ୍କ ଆହ୍ୱାନରେ ଜଳେଶ୍ୱରରେ ସାମାଜିକ କାର୍ଯ୍ୟ କରୁଥିବା ମେଆଇ ହେଲ୍ପ ୟୁ- ମୋ ପରିବାର ପକ୍ଷରୁ ଜଳେଶ୍ୱର ବଡବଜାର ପୋଲ ଓ ଥାନା ବଜାରରେ ସଫେଇ କାର୍ଯ୍ୟ କରିଥିଲେ । ରାସ୍ତା ଓ ରାସ୍ତାକଡରେ ପଡିଥିବା ଅପରିସ୍କାର, ଛିଣ୍ଡା କାଗଜପତ୍ର, ଜମା ହୋଇଥିବା ବାଲିକୁ ସଂଗଠନର ସଦସ୍ୟ, ସଦସ୍ୟାମାନେ ପରିସ୍କାର କରିଥିଲେ । ଏଥିରେ ଜଗନ୍ନାଥ ପରିଡା, ଡ. ବିଶ୍ୱଜିତ୍ ଜେନା, ଅଜିତ୍ ଜେନା, ସନ୍ଦିପ ମହାନ୍ତି, ତୋଫାନ ଆଚାର୍ଯ୍ୟ, ଜୟଦେବ ସାମଲ, ରମେଶ ଜେନା, ସତ୍ୟବ୍ରତ ପଣ୍ଡା, ଶିବ ଶଂକର ସାହୁ ଓ ବିନିରାଣୀ ଜେନା ପ୍ରମୁଖ ସଫେଇ କାର୍ଯ୍ୟରେ ନିୟୋଜିତ ଥିଲେ । ମେ ଆଇ ହେଲ୍ପ ୟୁ ସଂଗଠନ ଜଳେଶ୍ୱର ସହରରେ ସାମାଜିକ ଓ ସାମାଜିକ ସଚେତନତା କାର୍ଯ୍ୟ କରି ଆସୁଛି ।

# ସରକାର ଆଳୁ ,ପିଆଜ ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉଛନ୍ତି : ମନ୍ତ୍ରୀ

ଭୁବନେଶ୍ୱର,୦୨।୧୦ (ନି.ପ୍ର): ବର୍ତମାନ ଆଳୁ ,ପିଆଜ ଦର ବୃଦ୍ଧି ଏକ ଜାତୀୟ ସମସ୍ୟା ଏବଂ ରାଜ୍ୟ ସରକାର ଏହାର ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉଛନ୍ତି । କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଏହାର ଆମଦାନୀ , ବିକ୍ରୟ ତଥା ଲଭ୍ୟତା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଆବଶ୍ୟକ ପଡିଲେ ବ୍ୟବସାୟୀମାନଙ୍କ ବୈଠକ ଡକାଇ ଏହାର ମୂଲ୍ୟ ବୃଦ୍ଧି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରାଯାଉଛି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାରେ ପ୍ରକାଶ କରିଛନ୍ତି । ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଅଣତାରକା ପ୍ରଶ୍ନର ଉତରରେ ମନ୍ତ୍ରୀ କହିଥିଲେ ଯେ ଆଳୁ ଓ ପିଆଜରେ ଓଡିଶା ଏକ ନିଅଂଟିଆ ରାଜ୍ୟ ।ତେଣୁ ଆଳୁ ପାଇଁ ପର୍ଶ୍ଚିମବଙ୍ଗ ଏବଂ ପିଆଜ ପାଇଁ ମହାରାଷ୍ଟ୍ର ,କର୍ଣ୍ଣାଟକ ଓ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଛି । ଆନ୍ଧ୍ର ଓ କର୍ଣ୍ଣାଟକରେ ପ୍ରବଳ ବର୍ଷା ଯୋଗୁଁ ଅଗଷ୍ଟ ମାସରେ ଉତ୍ପାଦିତ ହେବାକୁ ଥିବା ଖରିଫ ପିଆଜ ନଷ୍ଟ ହୋଇଯାଇଥିବାରୁ ମହାରାଷ୍ଟ୍ରରୁ ଆସିଥିବା ପିଆଜର ଦର ବୃଦ୍ଧି ପାଇଛି । ସେହିପରି ପର୍ଶ୍ଚିମବଙ୍ଗରେ ଆଳୁ ଉତ୍ପାଦନ କମ୍ ହୋଇଥିବାରୁ ଏହାର ମୂଲ୍ୟ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି ।

# କରୋନା ପ୍ରଭାବରେ ଦୟନୀୟ କଳାକାର : ସହାୟତା ପାଇଁ ବାଲେଶ୍ୱର କଳା ସଂସ୍କୃତି ସଂଘର ଗୁହାରୀ




ବାଲେଶ୍ୱର,୦୨।୧୦ (ନି.ପ୍ର): ବିଭିନ୍ନ ଦାବି ନେଇ ନିଖିଳ ଓଡ଼ିଶା କଳା ପ୍ରଦର୍ଶନକାରୀ କଳାକାର ସଂଘ ଓ ବାଲେଶ୍ୱର କଳା ସଂସ୍କୃତି ସଂଘ ପକ୍ଷରୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦୁଇ ସଂଗଠନ ପ୍ରତିନିଧିମାନେ ମିଳିତ ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଏହି ସ୍ମାରାକପତ୍ର ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗର ଅନୁମୋଦନ କ୍ରମେ ବିଭିନ୍ନ ପ୍ରକାର ଲୋକାଭିମୁଖୀ ସରକାରୀ ଯୋଜନାକୁ କଳାତ୍ମକ ଢଙ୍ଗରେ ତଥା ଅଭିନୟ ମାଧ୍ୟମରେ ପ୍ରଚାର ପ୍ରସାର କରିଆସୁଥିବା କଳାକାରମାନେ ଏବେ ହାତବାନ୍ଧି ଘରେ ବସିଛନ୍ତି ବୋଲି ସେମାନେ କହିଛନ୍ତି । କରୋନା ଯୋଗୁଁ ଗତ ମାର୍ଚ୍ଚ ମାସଠାରୁ ଜିଲ୍ଲାରେ କିମ୍ବା ରାଜ୍ୟରେ ସେଭଳି କୌଣସି କାର୍ଯ୍ୟକ୍ରମ ନହେବା କାରଣରୁ ବେକାର ହୋଇ ବସିଥିବା କଳାକାରଙ୍କ ପରିବାରର ଆର୍ଥିକ ସ୍ଥିତି ଦୋହଲି ଯାଇଛି । ଅତ୍ୟନ୍ତ ଦୟନୀୟ ସ୍ଥିତିରେ ରହିଥିବା ଏହି କଳାକାର ପରିବାରଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବା, ସାଂସ୍କୃତି ସଂସ୍ଥାମାନଙ୍କୁ ସହାୟତା ପ୍ରଦାନ କରିବା, କଳାକାରମାନଙ୍କୁ ବୀମାଭୁକ୍ତ କରିବା, ଅଳ୍ପ ସଂଖ୍ୟକ ଦର୍ଶକଙ୍କୁ ନେଇ ନୃତ୍ୟ ସଙ୍ଗୀତ ପାଲା ଆଦି ଆୟୋଜନ ପାଇଁ ଅନୁମତି ଦେବାକୁ ଦୁଇସଂଘ ପକ୍ଷରୁ ଗୁହାରୀ କରାଯାଇଛି । ଏହି ପରିପ୍ରେକ୍ଷୀରେ ଏକ ସ୍ମାରକପତ୍ର ସେମାନେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ବେଳେ ସଂଗଠନର କର୍ମକର୍ତ୍ତା ଚନ୍ଦ୍ରମୋହନ ରାଉଳ, ମନୋରଂଜନ ଦାସ, ପୁରୁଷୋତ୍ତମ ପାଳ, ଶ୍ୟାମସୁନ୍ଦର ଦାସ, , ସୁଶାନ୍ତ କୁମାର ବେହେରା, ରମାକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାନ୍ଧୀ ଜୟନ୍ତୀରେ ସାହିତ୍ୟ ଏକାଡେମୀର ପ୍ରାମାଣିକ ଚଳଚ୍ଚିତ୍ର 'ଓଡ଼ିଶାରେ ଗାନ୍ଧୀଜୀ'

ଭୁବନେଶ୍ୱର,୦୨।୧୦ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରସ୍ତୁତ 'ଓଡ଼ିଶାରେ ଗାନ୍ଧୀଜୀ' ଶୀର୍ଷକ ଏକ ଘଂଟିଆ ପ୍ରାମାଣିକ ଚଳଚ୍ଚିତ୍ର ବିଭିନ୍ନ ଘରୋଇ ଟିଭି ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶନ ସକାଶେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଶୁକ୍ରବାର ପୂର୍ବାହ୍ନ ୧୦ ଟା ସମୟରେ ସଂସ୍କୃତି ଭବନଠାରେ 'ଗାନ୍ଧୀ ଜୟନ୍ତୀ' ପାଳନ କରାଯିବ । କୋଭିଡ୍-୧୯ର ମାର୍ଗଦର୍ଶିକା ପ୍ରକାରେ ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପରିଧାନପୂର୍ବକ ଏହି କାର୍ଯ୍ୟକ୍ରମ ସୀମିତ ଅତିଥିଙ୍କ ଉପସ୍ଥିତିରେ ପାଳନ କରାଯିବ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ପୂର୍ବତନ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ନାୟକ ଓ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଗାନ୍ଧୀଜୀଙ୍କ ପ୍ରତିମୂର୍ତିରେ ସୂତ୍ରାଞ୍ଜଳି ପ୍ରଦାନ ସହ ପୁସ୍ତକ ଉନ୍ମୋଚନ ଓ ଗାନ୍ଧୀ ଭଜନ ପରିବେଷଣ ଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

# ବାଲିଆପାଳ ବ୍ରହ୍ମ ଅନ୍ୱେଷଣ ଗାନ୍ଧୀ ସେବା ଶିକ୍ଷା ଆଶ୍ରମରେ ଗାନ୍ଧୀ ଜୟନ୍ତୀ ପାଳିତ



ବାଲିଆପାଳ,୨।୧୦ (ନି.ପ୍ର): ବାଲିଆପାଳ ସନ୍ୟାସୀ ବେହେରାଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରହ୍ମ ଅନ୍ୱେଷଣ ଗାନ୍ଧୀ ସେବା ଶିକ୍ଷା ଆଶ୍ରମରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟାପକ କୁଞ୍ଜକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀ ଉତ୍ସବରେ ଦୀନକୃଷ୍ଣ ସ୍ମୃତିପରିଷଦର ସଂପାଦକ ତଥା ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଡ.ବିପିନ ବିହାରୀ ବିଶ୍ୱାଳ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କହିଥିଲେ ଯେ ଗାନ୍ଧୀଜୀ ଜଣେ ବିଚାରକ, ବିବେକବନ୍ତ, ଜଣେ ସାଧାରଣ ମଣିଷର ହୃଦୟକୁ ଜିଣିପାରୁଥିବା ବ୍ୟକ୍ତି ଥିଲେ । ଲୋକଙ୍କ ମୁହଁଙ୍କୁ ଚାହିଁ ତାର ଭାବଧାରାକୁ ପରିପ୍ରକାଶ କରୁଥିଲେ । ଯାହାଙ୍କ ପାଇଁ ଆଜି ଆମେ ସ୍ୱାଧୀନ ଦେଶର ନାଗରିକ ଭାବେ ଗର୍ବରେ କହିପାରୁଛୁ । ସେହି ଭଳି ଜଣେ ମହାମାନବ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଆଜି ସାରା ଦେଶରେ ପାଳିତ ହେଉଥିବା କଥା କହିଥିଲେ । ଆଶ୍ରମର ପ୍ରତିଷ୍ଠାତା କବି ସନ୍ୟାସୀ ବେହେରା ଅତିଥିଙ୍କୁ ସ୍ୱାଗତ ସହିତ ନିଜର ଅନୁଷ୍ଠାନର କଥା ରଖିଥିଲେ । ସମ୍ମାନୀତ ଅତିଥି ଭାବେ କବି ବ୍ରଜେନ୍ଦ୍ର ନାଥ ଗିରି,ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ନାରାୟଣ ପ୍ରସାଦ ସାହୁ,ବରିଷ୍ଠ ଅଧ୍ୟାପକ ସୁକାନ୍ତ ଗିରି,ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଝାଡେଶ୍ୱର ପ୍ରଧାନ,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ,ଅବସରପ୍ରାପ୍ତ ସୈନିକ କମଳଲୋଚନ ପିଲା,ବାଘାଯତୀନ ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା,କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ,କୃଷକ ନେତା ମନ୍ମଥ ପାତ୍ର,ସମାଜସେବୀ ସରୋଜ କର,ସାମ୍ବାଦିକ ହରେକୃଷ୍ଣ ଦାସ,ବାଲିଆପାଳ ଚାଇଲ୍ଡ ଲାଇନର ଉତ୍ତମ ନାୟକ,କ୍ରୀଷ୍ଣା ଅଣ୍ଡିଆ ପ୍ରମୁଖ ଯୋଗ ଦେଇ ଗାନ୍ଧୀଙ୍କ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାଅର୍ପଣ ସହିତ ସ୍ମୃତି ଚାରଣ କରିଥିଲେ ।

## ଲିଆଫିର ୧୫୦ତମ ପ୍ରତିଷ୍ଠା ଦିବସ ପାଳିତ

ଜଳେଶ୍ୱର,୨।୧୦ (ନି.ପ୍ର): ଆଜି ପବିତ୍ର ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ବେଳେ ଜୀବନବୀମା ନିଗମର ଏଜେଣ୍ଟ ସଂଘ ନିଆଫି ପକ୍ଷରୁ ୧୫୦ତମ ପ୍ରତିଷ୍ଠା ଦିବସ ପାଳତ ହୋଇଛି । କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସଂଘର ସଭାପତି ଭାସ୍କର ମିଶ୍ର ପତକା ଉତ୍ତଳନ ଓ ପୌରହିତ୍ୱ କରିଥିଲେ । ମନୋରଂଜନ ଦାସ ସଂଚାଳନ କରିଥିବା ବେଳେ କମଳ ଚକ୍ରବର୍ତ୍ତୀ, ଟଙ୍କଧର ମହାପାତ୍ର, ତାପସ ଦାସ, ନିତାଇଲାଲ ଦେ, ଗୋପାଳ ମହାନ୍ତି ଓ ଅଜିତ୍ କୁମାର ଦାସ ପ୍ରମୁଖ ଇଆଫିର ଆବଶ୍ୟକତା, କାର୍ଯ୍ୟଦକ୍ଷତା, ସୌବା ମନୋବୃତ୍ତି ଓ ବୀମା ଅର୍ଥ ପାଇବାରେ କିପରି ସହାୟତା କରିଥାନ୍ତି ତାହା ପ୍ରକାଶ କରିଥିଲେ । ଏହା ବ୍ୟତିତ ଏଲ୍ଆସି ଭଳି କେତେକ ଲାଭରେ ଚାଲିଥିବା କମ୍ପାନୀକୁ ଘରୋଇକରଣ ନ କରିବାକୁ ସେମାନେ ଦାବି ଜଣାଇଥିଲେ ।

## ବଡନଗରଠାରେ କଂଗ୍ରେସର ନୁହେଁ କୃଷକ ଏକତା ମଂଚର ସର୍ବଦଳୀୟ ବୈଠକ

ଜଳେଶ୍ୱର,୨।୧୦ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବଡନଗରଠାରେ ପ୍ରିମିୟମ ସ୍ୱର୍ଣ୍ଣଧାନ ଚାଷ କରି କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହା କଂଗ୍ରେସ ବୈଠକ ନ ଥିଲା ଓ ନବଗଠିତ କୃଷକ ଏକତା ମଂଚର ସର୍ବଦଳୀୟ ବୈଠକ ଥିଲା ବୋଲି ମଂଚର ଆବାହକ ସତ୍ୟନାରାୟଣ ବେହେରା ଆଜି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଗତ ୨୭ ତାରିଖ ଅପରାହ୍ନରେ ସୁଧିର ପାତ୍ରଙ୍କ ପୌରହିତ୍ୱରେ ଏହି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇ କ୍ଷତିଗ୍ରସ୍ତ ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଓ ସହଯୋଗ ଲାଗି ପ୍ରଚେଷ୍ଟା ହେବ ବୋଲି ଆଲୋଚନାରେ ନେତୃମଣ୍ଡଳୀ କହିଥିଲେ । ଏଥିନେଇ କେତେକ ସମ୍ବାଦ ପ୍ରକାଶନକୁ ସେ ଖଣ୍ଡନ କରିଥିଲେ । ଏହି ଆଲୋଚନାରେ କୃଷି ବିଲ୍‌କୁ ବିରୋଧ କରାଯାଇନଥିବା ସେ କହିଛନ୍ତି ।

### ଗାନ୍ଧୀ ଜୟନ୍ତୀରେ ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

ଭୁବନେଶ୍ୱର,୨।୧୦ (ନି.ପ୍ର): ଜାତିର ଜନକ ମହାତ୍ମାଗାନ୍ଧି ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ଜୟନ୍ତୀ ଅବସରରେ ଶୁକ୍ରବାର ପୂର୍ବାହ୍ନରେ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ବିଦ୍ୟାଳୟର ୧୯୮୬ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୃକ୍ଷ ଚାରା ରୋପଣ ସହିତ ଏହାର ସୁରକ୍ଷା ନେଇ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଏହି ଛାତ୍ରଛାତ୍ରୀମାନେ ମଧ ଗତ ଗୁରୁ ଦିବସରେ ସେମାନଙ୍କର ଶିକ୍ଷକମାନଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଥିଲେ ।

## ବିଭିନ୍ନ ସ୍ଥାନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଜଳେଶ୍ୱର,୨।୧୦ (ନି.ପ୍ର): ଆଜି ପବିତ୍ର ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତୀ ହୋଇଥିବାରୁ ଜାତୀର ପିତା ମହାତ୍ମାଗାନ୍ଧି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟର୍ପଣ କରାଯାଇଥିଲା । ଜଳେଶ୍ୱର କୋର୍ଟ ସମ୍ମୁଖରେ ଥିବା ମଧୁବାବୁ ଙ୍କ ପ୍ରତିମୂର୍ତ୍ତୀ ନିକଟରେ ଗାନ୍ଧିଜୀଙ୍କର ଫଟୋଚିତ୍ରରେ ଆଇନ୍‌ଜିବୀ ଅନୀଲ କୁମାର ପରିଡା, ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀପ କୁମାର ପ୍ରଧାନ, ବିଜେଡି ସହର ସଭାପତି ସୁଜିତ ଘୋଷ, ଜୀବନବିନ୍ଦୁ କାର୍ଯ୍ୟକ୍ରମର ସଭାପତି ମଧୁସୂଦନ ସେନାପତି, ଅର୍ଚ୍ଚନା ଗିରି, ବଣିକ କାର୍ଯ୍ୟକାରୀ ସଭାପତି ବିଜୟ କାମିଲା, ହାସିରୁଦ୍ଦିନ ବକ୍ସ, ଗିରିଜା ଶଂକର ଦାସ, କ୍ଷୀତିଷ ଘୋଷ, ସୁଶାନ୍ତ ଦାସ, ଅମୂଲ୍ୟ ପାତ୍ର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ । ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି କମଳ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିବା ବେଳେ



ଏଲଆଇସିର ମ୍ୟାନେଜର ଅଶ୍ୱିନୀ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗାନ୍ଧିଜୀଙ୍କ ସମୟାନୁବର୍ତ୍ତୀତା, ଲାଲବାହାଦୁର ଶାସ୍ତ୍ରୀଙ୍କ ସତ୍ୟ କର୍ମନିଷ୍ଠା ଆଜିର ସମାଜରେ ଏକ ଆନ୍ଦୋଳନଭାବେ ଗଢିତୋଳିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋପାଳକୃଷ୍ଣ ମହାପାତ୍ର, ଟଂକଧର ମହାପାତ୍ର, ଚନ୍ଦ୍ରମୋହନ ରାଉଳ, ତପନ ପରିଡା, ପ୍ରତାପ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀନାରାୟଣ ଦତ୍ତ, ରାମଚନ୍ଦ୍ରଦାସ ଅଧିକାରୀ, ପ୍ରଧାନ ଶିକ୍ଷକ ଆଇଜାକ୍ ପରିଡା ବକ୍ତବ୍ୟ ରଖିଥିବା ବେଳେ ସଂପାଦକ ଓ ନିର୍ଦ୍ଦେଶକ କପିଳେଶ୍ୱର ମହାନ୍ତି ସାମ୍ପ୍ରତିକ ସମାଜରେ ମହାତ୍ମାଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଦର୍ଶନ ଅପରିହାର୍ଯ୍ୟ ହୋଇ ପଡିଛି ବୋଲି କହିଥିଲେ । ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାଧିନତା ସଂଗ୍ରାମୀ ନକୁଳି ଓଝାଙ୍କ ପ୍ରତିଷ୍ଠିତ ଶିଖରପୁରସ୍ଥିତ ବାପୁ ସ୍ମାରକ ନିକେତନ ଠାରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ଡ. ଅଜିତ୍ କୁମାର ମହାନ୍ତି, ସାହିତ୍ୟିକାର ଯତିନ୍ଦ୍ର ଜେନା ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଆୟୋଜିତ ସଭାରେ ଗାନ୍ଧିଏକ ରହସ୍ୟମୟ ପ୍ରହେଳିକା, ଗାନ୍ଧି ଦର୍ଶନର ପ୍ରାସଙ୍ଗିକତା, ଗାନ୍ଧିଙ୍କ ଦର୍ଶନ, ଆଦର୍ଶ ମୋଲ୍ୟବୋଧ, କର୍ମନିଷ୍ଠା ଆଜିର ସମାଜରେ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ । ଜଳେଶ୍ୱର ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସଭାରେ ସତ୍ୟସୁନ୍ଦର ଦାସ ପୌରହିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଅଜିତ୍ କୁମାର ମହାନ୍ତି, ଜିତାଂଶୁ ନନ୍ଦି, ଦିଲ୍ଲିପ ଗିରି, ଗୋବିନ୍ଦ ସାହୁ, ଗୋପାଳ ସାହୁ, ସମୀର ପାତ୍ର, ମଧୁସୂଦନ ଦତ୍ତ, ସୁଶାନ୍ତ ମାଇତି, ଶ୍ରୀକଣ୍ଠ ମହାନ୍ତି, ସୁଶାନ୍ତି ସିଂ, ବିଶ୍ୱଭୂଷଣ ଦାସ ପ୍ରମୁଖ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

## ଗାନ୍ଧୀ ଜୟନ୍ତୀ ପାଳନ




ପାରାଦୀପ,୨।୧୦ (ନି.ପ୍ର): ସାରାଦେଶ ଆଜି ଜାତୀର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପାଳନ କରୁଥିବାବେଳେ ପାରାଦୀପର ବିଭିନ୍ନ ସ୍ଥାନରେ ମଧ୍ୟ ଏହି ଦିବସକୁ ମହା ସମାରୋହରେ ପାଳନ କରାଯାଇଛି । ଏହି ଅବସରରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ (ଗାନ୍ଧୀଛକ) ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବାସହ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା । ଏହାସହ ଉପସ୍ଥିତ ସମସ୍ତ ପୌର କର୍ମଚାରୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କୁ ମାସ୍କ ବଂଟାଯିବାସହ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟ କରାଯାଇଥିଲା । ଏଥିରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ପୂର୍ବତନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ରାଜ୍ୟ ବିଜେଡି ସଂପାଦକ ସନ୍ତୋଷ କୁମାର ପଟନାୟକ, ପ୍ରମୋଦ କିଶୋର ଜେନା, ସାଂସଦଙ୍କ ପ୍ରତିନିଧୀ ମହେନ୍ଦ୍ର ପରିଡା, ଆଇନଜିବୀ ସୁରେଶ ଚନ୍ଦ୍ର ଦାସ, ନାରୀନେତ୍ରୀ ନଳିନୀପ୍ରଭା ସାହୁ ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର ପ୍ରମୁଖ ବହୁ ବିଜେଡି ନେତୃବୃନ୍ଦ ଏବଂ କର୍ମୀମାନେ ଯୋଗ ଦେଇଥିଲେ ।

## ବାରିପଦାରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ



ବାରିପଦା ,୨।୧୦ (ନି.ପ୍ର): ସତ୍ୟ ଓ ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିର ଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସମାରୋହ ମୟୂରଭ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ବାରିପଦା ପୌର ପରିଷଦ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ୮.୩୦ ମି. ସମୟରେ ସ୍ଥାନୀୟ ଗାନ୍ଧୀ ପାର୍କ ଠାରେ ଥିବା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ପ୍ରତିମୂର୍ତ୍ତୀ ସ୍ଥଳରେ ଆୟୋଜିତ ସାମୁହିକ ମାଲ୍ୟାର୍ପଣ ସଭାରେ ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଉପ ଜିଲ୍ଲାପାଳ ତଥା ବାରିପଦା ପୌରପରିଷଦର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି, ପି.ଡି.ଡି.ଆର.ଡି.ଏ ଭବେଶ କୁମାର ନାୟକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ବରିଷ୍ଠ ବୁଦ୍ଧିଜିବୀ ବିଜନ ଦାସ, ପଣ୍ଡିତ ଭାଗବତ ପଣ୍ଡା, ଶରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି କୋଭିଡ କଟକଣା ମଧ୍ୟରେ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା ପୂର୍ବକ ଗାନ୍ଧୀ, ଶାସ୍ତ୍ରୀ ଓ କସ୍ତୁରବାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ଏହି ପବିତ୍ର ଦିବସ ପାଳନ ଅବସରରେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ପ୍ରଚାର କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନ୍ଦ୍ର କୁମାର ନାୟକ ପରିଚାଳନା କରିଥିଲେ ।

## ରାଜ୍ୟରେ ଗତ ୨୪ ଘଂଟାରେ ୪୮,୨୧୭ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୨।୧୦ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୪୮ ହଜାର ୨୧୭ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୩୯,୩୩୮ ଆରଟିପିସିଆରରେ ୮,୯୭୧ ଓ ଟ୍ରୁନଟ୍‌ରେ ୮୮ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୩୩୪୮୮୬୧ ନମୁନାର ପରୀକ୍ଷା କରା ଯାଇଛି ।

## ଗାନ୍ଧୀଜୟନ୍ତୀରେ ବାଲିଅନ୍ତା ଗାନ୍ଧୀପୀଠରେ ଗାନ୍ଧୀ ପ୍ରେମର ଝଲକ : ବିଭିନ୍ନ ସଂଗଠନ ତରଫରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨।୧୦ (ନି.ପ୍ର): ୨ ଅକ୍ଟୋବର ୧୯୩୪ମସିହା ମଇ ମାସରେ ଜାତିର ପିତା ମହାତ୍ମା ଗାନ୍ଧୀ ଶ୍ରୀକ୍ଷେତ୍ର ପୁରୀରୁ ପଦଯାତ୍ରା କରି ୧୩, ୧୪, ୧୫ ତାରିଖରେ ବାଲିଅନ୍ତା କୁଆଖାଇ ନଦୀର କୁଶଭଦ୍ରା ଉର୍ଫ୍ ସ୍ଥଳ ନଦୀପଠାର ଆମ୍ବତୋଟାରେ ତିନିଦିନ ଅନୁଗାମୀମାନଙ୍କ ସହ ଅବସ୍ଥାନ କରି ସ୍ଥାନୀୟ ନିକୁଞ୍ଜବିହାରୀ ମନ୍ଦିରରେ ଦଳିତମାନଙ୍କୁ ପ୍ରବେଶ କରାଇ ପୂଜାର୍ଚ୍ଚନାର ସୁଯୋଗ ଦେଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ସାମୁହିକ ପଂକ୍ତିଭୋଜନରେ ଏକତ୍ରିତ ହୋଇଥିଲେ । ଏହି ନିକୁଞ୍ଜବିହାରୀ ମନ୍ଦିର ପରିସରରେ ଥିବା ଗାନ୍ଧୀପୀଠରେ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବିଭିନ୍ନ ସଙ୍ଗଠନ ଓ ଦଳ ତରଫରୁ ଭକ୍ତି ନୈବେଦ୍ୟ ପ୍ରଦାନ କରାଯାଇଛି । ପ୍ରତ୍ୟୁଷରୁ ପଣ୍ଡିତ ଶ୍ରୀଧର ଦାଶ କୁଶଭଦ୍ରା ନଦୀରେ ତିଳତର୍ପଣ ସହିତ ନିକୁଞ୍ଜବିହାରୀ ମନ୍ଦିରରେ ପୂଜାର୍ଚ୍ଚନା ସହିତ ରାମଧୁନ ଗାନ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ମହାତ୍ମା ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ଧିରେନ୍ କର, ଲକ୍ଷ୍ମୀଧର ବେହେରା, ପ୍ରଶାନ୍ତ ସାହୁ, ଅଶୋକ ରାଉତରାୟ, ବିଶ୍ୱନାଥ ବିଶ୍ୱାଳ, ନିଲୁ ବେହେରା, ବଶିଷ୍ଠ ନାୟକ, ସୁରେନ୍ଦ୍ର ନାଥ ଛୋଟରାୟ, ବସନ୍ତ କୁମାର ମହାପାତ୍ର, ଅନୀଲ ଦଳେଇ, ରାଜୀବ ବେହେରା, ବିଜୁ ଜନତା ଦଳ ତରଫରୁ ବିଧାୟକ ଡଃ ଅରବିନ୍ଦ ଢାଲି, ଜିଲ୍ଲା ପରିଷଦ ସଭ୍ୟ ଅରୁନ୍ଧତୀ ସାହୁ, ଅମରେନ୍ଦୁ ପଟ୍ଟନାୟକ, ସମିତି ସଭ୍ୟ ସନତ ସ୍ୱାଇଁ, ଅଚ୍ୟୁତାନନ୍ଦ ପାତ୍ର, ସୌଦାମିନୀ ମହାନ୍ତି, ଭାଜପାରୁ ସିଦ୍ଧେଶ୍ୱର ନାଥ, ସୁଶାନ୍ତ କୁମାର ମଲ୍ଲିକ, ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଦିଲ୍ଲୀପ ସାହୁ, ବୈକୁଣ୍ଠ ରାଉତରାୟ, ଉପଦେଷ୍ଟା ଆଶୁତୋଷ ସାମନ୍ତରାୟ, ଜଗଦାନନ୍ଦ ରାଉତରାୟ, ଭୁବନେଶ୍ୱର ବାଲିଯାତ୍ରା କମିଟି ତରଫରୁ ଜସବନ୍ତ ଓଝା, ଯୁବନେତା ଅକ୍ଷୟ ଲେଙ୍କା, ଶୁଭକାନ୍ତ ମହାନ୍ତି, ତପନ ସାହୁ ପ୍ରମୁଖ ସରକାରଙ୍କ ପ୍ରଦର୍ଶିତ ସାମାଜିକ ଅବଲମ୍ବନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ...

ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଉନ୍ନତି ଆସିଛି । ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ବିକାଶ ହୋଇଛି । ବିଜୁ ଏକ୍ସପ୍ରେସ ୱେ ଦ୍ୱାରା କଳାହାଣ୍ଡିରେ ଶିଳ୍ପ ବିକାଶ ହେବ ବୋଲି ସେ କହିଥିଲେ । ଆଜିର ବିଦ୍ୟୁତ ପ୍ରକଳ୍ପ ପାଇଁ ସେ କଳାହାଣ୍ଡି ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ ।
ବିରୋଧୀ ଦଳର ନେତା ଶ୍ରୀ ପ୍ରଦୀପ୍ତ ନାଏକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ଇନ୍ଦ୍ରାବତୀ ପ୍ରକଳ୍ପ ପରେ କଳାହାଣ୍ଡିରେ ବିକାଶ ଆସିଛି । ବାମ କେନାଲ ତିଆରି ହେବା ପରେ କଳାହାଣ୍ଡି ଜିଲ୍ଲା ଏବେ ଧାନ ଉତ୍ପାଦନରେ ସୁନାମ ଅର୍ଜନ କରିଛି । ଦକ୍ଷିଣ କେନାଲର ନିର୍ମାଣ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଆଜିର ବିଦ୍ୟୁତ ପ୍ରକଳ୍ପ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ଏହି ଅବସରରେ କଳାହାଣ୍ଡିର କେତେକ ଜନସାଧାରଣ କାର୍ଯ୍ୟକ୍ରମରେ ଭାଗ ନେଇ ବିଦ୍ୟୁତ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ଓପିଟିସିଏଲ ର ଅଧକ୍ଷ ବିଦ୍ୟୁତ ଭିତ୍ତିଭୂମିର ବିକାଶ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନରଲା ବିଧାୟକ ଶ୍ରୀ ଭୂପିନ୍ଦର ସିଂ, ଉନ୍ନୟନ କମିଶନର ଯୋଗ ଦେଇଥିଲେ । ଶକ୍ତି ସଚିବ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କଳାହାଣ୍ଡି ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀଙ୍କ...

ବିଚାରରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁ, ଚାଖି ଖୁଣ୍ଟିଆ, ଲକ୍ଷ୍ମଣ ନାୟକ, ଚକରା ବିଶୋଇ, ଡୋରା ବିଶୋଇଙ୍କ ରାଜ୍ୟ ଓ ଦେଶ ପାଇଁ ସେବା ଏବଂ ଅବଦାନ ଥିଲା ଅତୁଳନୀୟ । ସେ କହିଛନ୍ତି ମହାତ୍ମା ଗାନ୍ଧୀ ଗାନ୍ଧୀ ତାଙ୍କ ଜନଚେତନାର ପ୍ରୟାସରେ ଭାରତୀୟତାକୁ ମହତ୍ୱ ଦେଇଥିଲେ । ସେ ସମୟରେ ସ୍ୱାବଲମ୍ବନ, ଆତ୍ମନିର୍ଭର ହେବାକୁ କହି ଗାନ୍ଧିଜୀ ଜଣେ ବୈଷୟିକ ଦିଗଦର୍ଶନ ଦେବାର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ । ବିଶ୍ୱରେ ଭାରତୀୟତାର ମୂଲ୍ୟବୋଧକୁ ସ୍ଥାପନ କରିବାରେ କରିବାରେ ଗାନ୍ଧୀଜୀ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ୨୦୨୨କୁ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣ ହେବ । ଆଜିର ଏକବିଂଶ ଶତାବ୍ଦୀରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ, ଚିନ୍ତନ, ନୀତିଶିକ୍ଷାର ପ୍ରଚାର ପ୍ରସାର କରିବା ପାଇଁ ଆମକୁ ଅଧିକ ଦାୟିତ୍ୱ ନେବା ପାଇଁ ପଡ଼ିବ ଏବଂ ଏହାକୁ ଆଧାର କରି ଓଡିଶାର ମୂଳ ବିଷୟ ଏବଂ ସ୍ୱାଧୀନତା ସଂଗ୍ରାମୀ ଏବଂ ସେମାନଙ୍କ ଅବଦାନକୁ ଇତିହାସର ପୃଷ୍ଠାରେ ଲିପିବଦ୍ଧ କରିବାକୁ ପଡିବ । ଏହି ଅବସରରେ ଶ୍ରୀ ପ୍ରଧାନ କୃଷି ଆଧାରିତ ଅର୍ଥନୀତିର ଦେଶ ଭାରତର ଏକତା ଏବଂ ଅଖଣ୍ଡତା ପାଇଁ ଅଦମ୍ୟ ପ୍ରଚେଷ୍ଟା କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେ ସମୟରେ ଶାସ୍ତ୍ରୀଜୀ ଜୟ ଜବାନ ଓ ଜୟ କିଷାନର ନାରା ଦେଇ ଲୋକଙ୍କୁ ସ୍ୱାବଲମ୍ବୀ କରିବାର ମହତ ବାର୍ତ୍ତା ଦେଇଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଭୁବନେଶ୍ୱର ଠାରେ ସତ୍ୟନିଷ୍ଠା, ସାଧୁତା, କରୁଣା ତଥା ମାନବିକତାର ଅନନ୍ୟ ମୂର୍ତିମନ୍ତ ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପୂଜ୍ୟ ବାପୁଙ୍କ ନୀତିଶିକ୍ଷା, ଆଦର୍ଶ ଓ ବିଚାର ଆଜି ମଧ ମାନବଜାତି ପାଇଁ ପ୍ରାସଙ୍ଗିକତା ହୋଇଛି ଶ୍ରୀ ପ୍ରଧାନ କହିଥିଲେ ।

## ଲଘୁଚାପ ପ୍ରଭାବରେ...

ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୫ ତାରିଖରେ କୋରାପୁଟ, ନବରଙ୍ଗପୁର, କାଳାହାଣ୍ଡି, ବଲାଙ୍ଗୀର, ନୂଆପଡା, ସୋନପୁର, ବୌଦ୍ଧ, କନ୍ଧମାଳ, ସମ୍ବଲପୁର, ଅନୁଗୁଳ, ମୟୂରଭଞ୍ଜ, କଟକ, ଢ଼େଙ୍କାନାଳ ଏବଂ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନାକୁ ଦେଖି ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୬ ତାରିଖରେ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡା, ନବରଙ୍ଗପୁର, ବରଗଡ, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଝାରସୁଗୁଡା ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ରହଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ୭ ତାରିଖରେ ନୂଆପଡା, ବରଗଡ, ଝାରସୁଗୁଡା, ସୁନ୍ଦରଗଡ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ପ୍ରବଳ ବର୍ଷା ଫଳରେ ଜଳବନ୍ଦୀ ସମସ୍ୟା , ଅକସ୍ମାତ ବନ୍ୟା, ଭୂ-ସ୍ଖଳନ ଆଦି ପରିସ୍ଥିତି ପାଇଁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିସନର୍ (ଏସ୍ଆରସି) ପ୍ରଦୀପ ଜେନା ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି ।

## ରାଜ୍ୟରେ ଆଉ ୧୬...

ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୪୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୪୬ ବର୍ଷୀୟ କୋରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୮୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୬୪ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୮୭ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ଜଗତସିଂହପୁର ଜିଲ୍ଲାର ଜଣେ ୬୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହରେ ପୀଡିତ ଥିଲେ । ସେହିପରି କଳାହାଣ୍ଡି ଜିଲ୍ଲାର ଜଣେ ୩୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଖୋର୍ଧା ଜିଲ୍ଲାରେ ଜଣେ ୮୪ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ଜଣେ ୬୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ରେ ପୀଡିତ ଥିଲେ । ନୟାଗଡ ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ନୟାଗଡା ଜିଲ୍ଲାର ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ନୟାଗଡ ଜିଲ୍ଲାର ଜଣେ ୫୨ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରେ ପୀଡିତ ଥିଲେ ।

## ଗତ ସେପ୍ଟେମ୍ବର ମାସରେ...

ରେଳପଥ ୧୪.୫୮ ନିୟୁତ ଟନ ପଣ୍ୟ ପରିବହନ କରିଥିଲା । କୋଭିଡ୍ ୧୯ ପ୍ରୋଟୋକଲକୁ ପାଳନ କରି ଲକ ଡାଉନ୍ ସମୟରେ ପୂର୍ବତଟ ରେଳ ପରିସୀମାରେ ଥିବା ଶିଳ୍ପ ଏବଂ ଖଣିଜ ୟୁନିଟ୍ ଗୁଡ଼ିକରେ ତାଲା ପଡ଼ିବା ସହ କାର୍ଯ୍ୟ ବନ୍ଦ କରାଯିବ ଏବଂ କମ୍ କର୍ମଜୀବୀ ନେଇ କାର୍ଯ୍ୟ କରିବା ସତ୍ତ୍ୱେ ପୂର୍ବତଟ ରେଳପଥ ଏହି ସଫଳତାକୁ ହାସଲ କରିଛି । ଏହି ଉଲ୍ଲେଖନୀୟ ପ୍ରଦର୍ଶନ ପାଇବାକୁ ପୂର୍ବତଟ ରେଳପଥ ସେପ୍ଟେମ୍ବର ୨୦୨୦ରେ ଦୈନିକ ୮୧୧୪ ଟି ୱାଗନ୍ ବ୍ୟବହାର କରିଛି ଯାହା ସେପ୍ଟେମ୍ବର ୨୦୧୯ ତୁଳନାରେ ଦୈନିକ ୭୬୩ ଟି ଅଧିକ ୱାଗନ୍‌ରେ ପଣ୍ୟ ବୋଝେଇ କରି ୧୦.୪ ଶତକଡ଼ା ବୃଦ୍ଧି ଆଣିପାରିଛି । ସେପ୍ଟେମ୍ବର, ୨୦୧୯ରେ ପୂର୍ବତଟ ରେଳପଥ ପଣ୍ୟ ବୋଝେଇ ପାଇଁ ଦୈନିକ ପ୍ରାୟ ୭୩୫୧ଟି ୱାଗନ୍ ବ୍ୟବହାର କରିଥିଲା । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କ ଦକ୍ଷ ନେତୃତ୍ୱରେ ବ୍ୟବସାୟ ବିକାଶ ୟୁନିଟ୍ ମାଧ୍ୟମରେ ମାଲ୍ ପରିବହନ କାର୍ଯ୍ୟର ନିରନ୍ତର ସମୀକ୍ଷା, ଲଜିଷ୍ଟିକ୍ କ୍ଷେତ୍ରରେ ସ୍ଥିରତା ଏବଂ ନିଶ୍ଚିତତା ସହିତ ଅଭିନବ ନୀତି ପ୍ରସ୍ତୁତ କରିବା, ରେଳରୁ ମୋଡ଼ାଲ୍ ଗମନାଗମନ ପାଇଁ ନୂତନ ମାର୍ଗକୁ ଆକର୍ଷିତ କରିବା ଇତ୍ୟାଦି ଯୋଗୁଁ ପଣ୍ୟ ବୋଝେଇ କ୍ଷେତ୍ରରେ ଏହି ସଫଳତା ହୋଇପାରିଛି । ଏହି ସଫଳତା ପାଇଁ ପୂର୍ବତଟ ରେଳପଥ ଏହାର ତିନିଟି ରେଳମଣ୍ଡଳର ପରିଶ୍ରମୀ ତଥା ଉତ୍ସର୍ଗୀକୃତ କର୍ମଚାରୀଙ୍କୁ ଶ୍ରେୟ ଦେବା ସହ କୋଲିୟରି, ବନ୍ଦର, ଇସ୍ପାତ କାରଖାନା, ସିମେଂଟ, ଆଲୁମିନା ପ୍ଲାଂଟ, ପେଟ୍ରୋଲିୟମ କମ୍ପାନୀ ଏବଂ ଫୁଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ସମେତ ସମସ୍ତ ହିତାଧିକାରୀଙ୍କ ଉଦ୍ୟମ ଏବଂ ସହଯୋଗକୁ ପ୍ରଶଂସା କରିଛି ।

## ନଭେମ୍ବର ୨୦ ଯାଏଁ ...

ବିକଳ୍ପ ଭାବେ ଯଦି ମାମଲା ଜରୁରୀ ଥାଏ ତେବେ ହାଇକୋର୍ଟ ପରିସରରେ ଥିବା ଡ୍ରପ୍ ବକ୍ସରେ ଏ ସଂପର୍କିତ ଆବେଦନ ଓ ଡକୁମେଂଟ ଦାଖଲ କରିହେବ । ଜରୁରୀ ପ୍ରସଂଗ ସଂପର୍କିତ ସୂଚନା ଏକ ମେମୋ ଆକାରରେ ଫାଇଲ ସହିତ ଦାଖଲ କରିବାକୁ ପଡିବ । ଦିନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଡ୍ରପ୍ ବକ୍ସ ବ୍ୟବସ୍ଥା ରହିବ । ଡ୍ରପ୍ ବକ୍ସରେ ଆବେଦନ ଦାଖଲ କରିବା ସମୟରେ ଭିଡ଼ ନ କରିବାକୁ ଓ ସାମାଜିକ ଦୂରତ୍ୱ ନିୟମ କଡ଼ା କଡ଼ି ପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା । ଏଥି ସହିତ ରାଜ୍ୟର ସମସ୍ତ ସବ୍‌ଅର୍ଡିନେଟ୍ କୋର୍ଟ (ନିମ୍ନ ଅଦାଲତ) ଓ ଟ୍ରିବୁନାଲର କୋର୍ଟ କାର୍ଯ୍ୟ ମଧ ଅଗଷ୍ଟ ୨୧ର ନିର୍ଦ୍ଦେଶନାମା ଅନୁସାରେ ଚାଲିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ସାନି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ।

## ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର କର : ସି.ଆଇ.ଟି.ୟୁ

ଭୁବନେଶ୍ୱର,୨।୧୦ (ନି.ପ୍ର): କରୋନା ମହାମାରୀ ସଂକ୍ରମଣ କାଳରେ ସରକାର ଓ ବିଦ୍ୟୁତ କର୍ତୃପକ୍ଷ ବିଦ୍ୟୁତ ଶୁଳ୍କ ବୃଦ୍ଧି କରି ଲୋକଙ୍କ ଉପରେ ଆଘାତ ଆଣିଛନ୍ତି । କେତେକ ରାଜ୍ୟରେ ବିଦ୍ୟୁତ୍ ବିଲ୍ ଗ୍ରାହକ ମାନଙ୍କ ପାଖରୁ ଆଦାୟ ନ ହେଉଥିବା ବେଳେ ଓ ବିଦ୍ୟୁତ ବିଲ୍ କମାଇ ଦିଆଯାଉଥିବା ବେଳେ ଓଡ଼ିଶାରେ ବିଦ୍ୟୁତ୍ ଶୁଳ୍କ ବଢ଼ାଇ ଦିଆଯାଇଛି । ଟାଟା ପାୱାରକୁ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ ହସ୍ତାନ୍ତର ପରେ ସେସୁ ଅଧିନରେ କାମ କରୁଥିବା ୭୬୦୦ ଶ୍ରମିକଙ୍କୁ ଟାଟା ପାୱାର ଏ ପର୍ଯ୍ୟନ୍ତ ଗ୍ରହଣ କରିନାହିଁ । ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାରେ ଉନ୍ନତି କରାଯିବ ଓ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଘଟିବ ନାହିଁ ବୋଲି ଯାହା ପ୍ରଚାର କରାଯାଉଥିଲା ତାହା ଯେ ସମ୍ପୂର୍ଣ୍ଣ ଅସତ୍ୟ ସେ କଥା ପ୍ରମାଣିତ ହୋଇସାରିଛି ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨।୧୦ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୭୬୬ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୩୮,୯୯୭ ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୫୦୯, ବାଲେଶ୍ୱର ଜିଲ୍ଲାରେ ୭୮୦୧ , ବରଗଡ ଜିଲ୍ଲାରେ ୬୫୭୬, ଭଦ୍ରକ ଜିଲ୍ଲାରେ ୫୩୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୪୪୮୮. ବୌଦ୍ଧ ଜିଲ୍ଲାରେ ୧୯୩୮, କଟକ ଜିଲ୍ଲାରେ ୨୧,୨୪୯, ଦେବଗଡ ଜିଲ୍ଲାରେ ୬୬୨, ଢେଙ୍କାନାଳ ଜିଲ୍ଲାରେ ୩୮୪୩. ଗଜପତି ଜିଲ୍ଲାରେ ୩୮୦୩, ଗଂଜାମ ଜିଲ୍ଲାରେ ୨୦୨୨୪ , ଜଗତସିଂହପୁର ଜିଲ୍ଲାରେ ୫୪୬୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୮୫୬୫, ଝାରସୁଗୁଡା ଜିଲ୍ଲାରେ ୪୬୧୧, କଳାହାଣ୍ଡି ଜିଲ୍ଲାରେ ୩୪୧୩, କନ୍ଧମାଳ ୪୬୪୫, କେନ୍ଦ୍ରାପଡା ଜିଲ୍ଲାରେ ୫୨୮୨, କେନ୍ଦୁଝର ଜିଲ୍ଲାରେ ୪୪୬୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬୨୪୨ , ମାଲକାନଗିରି ଜିଲ୍ଲାରେ ୩୭୩୪, ମୟୁରଭଂଜ ଜିଲ୍ଲାରେ ୮୩୩୬. ନବରଙ୍ଗପୁର ଜିଲ୍ଲାରେ ୩୮୩୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୪୯୩୦, ନୂଆପଡା ଜିଲ୍ଲାରେ ୩୨୮୨ , ପୁରୀ ଜିଲ୍ଲାରେ ୧୦,୩୨୬, ରାୟଗଡା ଜିଲ୍ଲାରେ ୭୫୩୨. ସମ୍ବଲପୁର ଜିଲ୍ଲାରେ ୬୧୮୧ . ସୁବର୍ଣ୍ଣପୁର ଜିଲ୍ଲାରେ ୩୧୦୩ ଓ ସୁନ୍ଦରଗଡ ଜିଲ୍ଲାରେ ୭୬୭୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ରାଜ୍ୟପୁଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୫୪୨୦ ହୋଇଛି ।

# ଦିନକରେ ୧୦୭ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୭୮୦୧କୁ ବୃଦ୍ଧି




ବାଲେଶ୍ୱର,୨।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୪ ଲକ୍ଷ ଛୁଇଁଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷରେ ପହଞ୍ଚିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୩୬୦୦ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଆଜି ସୁଦ୍ଧା ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୨୬ ହଜାର ଟପିଛି। ଅନ୍ୟପକ୍ଷରେ ଆଜି ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮୭୫ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ୧୦୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୭୮୦୧ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୬୪୩୩ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୩୩୩ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଆଜି ବାଲେଶ୍ୱର ଜିଲ୍ଲାର ଦୁଇଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟାନ୍ୟ ରୋଗରେ ପୀଡ଼ିତରହି କରୋନା ପଜିଟିଭ୍ ଥିବା ୮୦ବର୍ଷ ଓ ୬୦ ବର୍ଷ ବୟସ୍କା ଦୁଇ ମହିଳାଙ୍କର ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ଏବେ ୩୦ରେ ପହଞ୍ଚିଛି। ତେବେ ଦିନକୁ ଦିନ ଜିଲ୍ଲାରେ ବଢୁଥିବା କୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତା ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି।

# ମହିଳାମାନଙ୍କୁ ସୁରକ୍ଷା ଦାବିରେ ଅଖିଳ ଭାରତ ମହିଳା ସମିତି ପକ୍ଷରୁ ପ୍ରତିବାଦ ସଭା




ଜଳେଶ୍ୱର,୨।୧୦ (ନି.ପ୍ର): ଜାତୀର ପିତା ମହାତ୍ମାଗାନ୍ଧିଙ୍କ ସ୍ୱପ୍ନ ଥିଲା ଯେଉଁଦିନ ମହିଳମାନେ ରାତି ଅଧିରେ ରାଜରାସ୍ତାରେ ସୁରକ୍ଷିତ ଭାବେ ଚାଲି ପାରିବେ ସେ ଦିନ ଦେଶ ପ୍ରକୃତ ସ୍ୱାନ ହେଲା ବୋଲି ଜାଣିବା । କିନ୍ତୁ ଏବେ ପ୍ରତି ଘଣ୍ଟାରେ ୮୭ଜଣ ମହିଳା ଆକ୍ରମଣର ଶୀକାର ହେଉଛନ୍ତି କିମ୍ବା ଦୁଷ୍କର୍ମର ଶୀକାର ହେଉଛନ୍ତି । କାହାକୁ ହତ୍ୟା କରାଯାଉଛି ତ କାହାର ଜିଭ କାଟି ନିଆଯାଉଛି । ଏପରି ଘଟଣା ଉତ୍ତରପ୍ରଦେଶରେ ଚାଲିଥିବା ମହିଳା ନିର୍ଯ୍ୟାତନା ଓ ହତ୍ୟା ବିରୋଧରେ ଅଖିଳ ଭାରତ ଗଣତାନ୍ତ୍ରୀକ ମହିଳା ସମିତି, ଜଳେଶ୍ୱର ଶାଖା ପକ୍ଷରୁ ଏକ ପ୍ରତିବାଦ ଧାରଣା ଦିଆଯାଇ ଉତ୍ତର ପ୍ରଦେଶରେ ମନୀଷାଙ୍କୁ ନ୍ୟାୟ ଦେବା ସହିତ ସରକାର ତରନ୍ତ ଇସ୍ତଫା ଦେବାକୁ ଦାବି କରିଛନ୍ତି । ଏଥିରେ ଗଣତାନ୍ତ୍ରୀକ ମହିଳା ସମିତିର ସର୍ବଭାରତୀୟ ସଂପାଦିକା ତାପସୀ ପ୍ରହରାଜ, ବାଲେଶ୍ୱର ଜିଲା ସଂପାଦିକା ମମି ପଣ୍ଡା, ସବିତା ଭୂୟାଁ, ଆରତୀ ପଲାଇ, କଳ୍ପିତା ସାହୁ, ମମତା ରାଜ, ଗୀତା ସିଂ, ମାମା ସିଂ, ମଂଜୁଲତା ପାତ୍ର, ସୁଲତାନା ବିବି, ସୁକାନ୍ତି ସାହୁ, ଗୀତାରାଣୀ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଗାନ୍ଧୀ ଜୟନ୍ତୀରେ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଗଣସତ୍ୟାଗ୍ରହ ଅନୁଷ୍ଠିତ




ବାଲିଆପାଳ,୨।୧୦ (ନି.ପ୍ର): ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବାଲିଆପାଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ କାଳୀପଦାଠାରେ କୃଷକ ଶ୍ରମିକ ଅଧିକାର ବଞ୍ଚାଓ ତଥା ଦେଶ ବଞ୍ଚାଓ ଓ ବାଲିଆପାଳରୁ ବନ୍ଦର ଓ ପେଟ୍ରୋକେମିକାଲ ଶିଳ୍ପାୟନକୁ ବିରୋଧ କରି ଏକଦିବସୀୟ ଗଣସତ୍ୟାଗ୍ରହ କାଳିପଦା କାଳିମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସକାଳ ପ୍ରାୟ ୭ ଘଟିକା ସମୟରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ର ମାଲ୍ୟାପଣ କରି ଧାରଣାରେ ବସିବା ସହିତ ଦାବି ସଂପର୍କରେ ଆଲୋଚନା କରି ଗାନ୍ଧୀ ଜୟନ୍ତୀରେ ଆମର ସଂକଳ୍ପ ଗ୍ରାମ ସ୍ୱରାଜ,ଚାଷୀ ଓ ଶ୍ରମିକକୁ ସଶକ୍ତ,ସ୍ୱାବାଲମ୍ବୀ କରିବା ଆଜି ସଂକଳ୍ପରେ କହିଥିଲେ। ଏଥି ସହିତ ବାଲିଆପାଳ ବ୍ଲକ ସମୁଦ୍ର କୂଳିଆ ଉର୍ବର ଶସ୍ୟ ଶ୍ୟାମାଳା ବହୁ ଫସଲ ଧାନ, ପାନ, ମୀନ, ଗୁଆ, କାଜୁ ଓ ଚିନାବାଦାମ ସହିତ ନଡିଆର ରତ୍ନଗର୍ଭା ଅଞ୍ଚଳରୁ ଲୋକଙ୍କୁ ବିସ୍ଥାପନ କରି ଏଠାରେ ଯେଉଁ ଶିଳ୍ପାୟନ କରିବା ପାଇଁ ସରକାର ସ୍ୱପ୍ନ ଦେଖିଛନ୍ତି। ତାହାକୁ କସମିନ କାଳେ କରାଇ ଦେବୁ ନାହିଁ ବୋଲି କହିଥିଲେ । ଏହି ଗଣ ସତ୍ୟାଗ୍ରହରେ ଦିବାକର ପାତ୍ର, ମାୟାଧର କୁହ୍ଲାରୀ,ଅନୁଜ ମହାପାତ୍ର, ଧନଞ୍ଜୟ ଜେନା, ଅଚ୍ୟୁତା ନନ୍ଦ ବେହେରା, କମଳାକାନ୍ତ ଜେନା, ମୃତ୍ୟୁଞ୍ଜୟ ରାଉତ,ଗୋବିନ୍ଦ ଜେନା, ହରେକୃଷ୍ଣ ଖିଲାର, ଯତୀନ୍ଦ୍ର କୁହ୍ଲାରୀ, ଭାନୁଦଲାଇ, ଅଭିମନ୍ୟୁ ମାଝୀ, ହରିହର ନାୟକ, ଗଣେଶ ବେହେରା, ଇନ୍ଦୁଭୂଷଣ ଜେନା, ଅମୀୟ ପାତ୍ର, ବିକର୍ତ୍ତନ ଜେନା, ତପନ ଧଳ,ବଂଶୀଧର ଦାସ,ଉମାକାନ୍ତ ସାହୁ,ଏକାଦଶୀ ମାଝୀ ପ୍ରମୁଖ ସାମିଲ ହୋଇଥିଲେ । ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ ।

## ବିଜେଡିର ମାସେ ବ୍ୟାପୀ ଜନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର,୨।୧୦ (ନି.ପ୍ର): ବିଜୁ ଜନତା ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ରାଜ୍ୟ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଜି ପବିତ୍ର ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ କାର୍ଯ୍ୟାଳୟରୁ ଜନ ସଚେତନତା ଅଭିଯାନ ଓ ମାସ୍କ ବଂଟନ ଓ ସାମାଜିକ ଦୂରତା ରକ୍ଷା କରିବା ପାଇଁ ସମସ୍ତେ ଶପଥ ନେବା ସହିତ ପ୍ରତ୍ୟେକ ୱାର୍କ ଓ ପ୍ରତ୍ୟେକ ପଂଚାୟତରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିଥି ମାନେ ବାର୍ତ୍ତା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ବିଜୁ ଜନତା ଦଳ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରଣବ ବଳବନ୍ତରାୟ, ଯୁବ ସଭାପତି, ଡକ୍ଟର ବ୍ୟୋମକେଶ ରାୟ, ଛାତ୍ର ସଭାପତି ଦେବୀ ରଂଜନ ତ୍ରିପାଠୀ, ଅମରେଶ ପତ୍ରୀ, ଅରୂପ ପଟ୍ଟନାୟକ, ବିରଂଚି ମହାସୁପକାର, ଲିଟୁ ମହାପାତ୍ର, ଦୁର୍ଗା ସାମନ୍ତରାୟ ସମେତ ମହାତ୍ମା ଗାନ୍ଧୀଙ୍କୁ ଭଲ ପାଉଥିବା ବରିଷ୍ଠ ମୁରବୀ ଓ ମହିଳା ମାନେ ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ଜିଲ୍ଲା ପ୍ରଶାସନ ଓ ରାଜନୈତିକ ଦଳଙ୍କ ପକ୍ଷରୁ ଗାନ୍ଧୀ ଜୟନ୍ତୀ




ବାଲେଶ୍ୱର,୨।୧୦(): ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ୧୫୦ତମ ଗାନ୍ଧୀ ଜୟନ୍ତୀ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମହାତ୍ମା ଗାନ୍ଧୀ ଓ ଲାଲ ବାହଦୂର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ସ୍ଥାନୀୟ ଶହୀଦ ପାର୍କ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ପୁରୁଷୋତ୍ତମ ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ । କୋଭିଡ-୧୯ କଟକଣା, ଉପ-ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ତଥା ସରକାରୀ ନିର୍ଦ୍ଦେଶନାମାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ନିରାଡମ୍ବର ଭାବେ ଗାନ୍ଧୀ ଜୟନ୍ତୀ ପାଳନ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲା । ସେହିପରି ବିଭିନ୍ନ ରାଜନୈତିକ ଦଳମାନଙ୍କ ପକ୍ଷରୁ ମଧ୍ୟ ଆଜି ଗାନ୍ଧୀଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତି ପାଳନ କରାଯାଇଥିବା ଦେଖିବାକୁ ମିଳିଛି । ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ନିଜର ସହଯୋଗୀ ଓ ଦଳୀୟ କର୍ମୀଙ୍କୁ ନେଇ ସହିଦ ପାର୍କରେ ଥିବା ଜାତିର ଜନକ ମହତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୂର୍ବବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୨ ତାରିଖରୁ ବିଜେଡି ପକ୍ଷରୁ ବାଲେଶ୍ୱରରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ନଥିବା ବେଳେ କେବଳ ଗାନ୍ଧୀ ଜୟନ୍ତୀ ପାଳନ କାରାଯାଇଥିବା ଜଣାପଡ଼ିଛି । ଅନୁରୂପ ଭାବେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଧ୍ୟ ଆଜି ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ସହ କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍‌ର ନିରବ ପ୍ରତିବାଦ କରାଯାଇଛି । ବରିଷ୍ଠ କଂଗ୍ରେସ ନେତା ସଂଜୀବ ଗିରିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ, ନଗର ସଭାପତି ପଦ୍ମଲୋଚନ ଲେଙ୍କା, ଗୋପୀନାଥ ପଢ଼ୀ, କୃଷ୍ଣଗୋପାଳ ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ଦେବଦତ୍ତ ଦାସ, ତୁଷାରକାନ୍ତି ତପସ୍ୱୀ, ରାଜ୍ୟ ମହିଳା କଂଗ୍ରେସ କର୍ମକର୍ତ୍ତା ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ବାସନ୍ତି ନାୟକ, ଜ୍ୟୋସ୍ନା ସେନାପତି, ଶେଖ୍ ଅଜଗର ଅଲ୍ଲି, ଶେଖ୍ ସରିଫ୍ ମହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ । ସହିଦପାର୍କସ୍ଥିତ ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ ପରେ କଂଗ୍ରେସ ନେତାମାନେ କେନ୍ଦ୍ର ସରକାରଙ୍କ କଷି ଆଇନ୍‌ର ନିରବ ପ୍ରତିବାଦ କରିଥିଲେ।

## ସମୁଦ୍ର ସ୍ନାନ ବେଳେ ଅଘଟଣ: ଭାସିଯାଉଥିବା ବେଳେ ଦୁଇ ଉଦ୍ଧାର

ପୁରୀ,୨।୧୦ (ନି.ପ୍ର):ପୁରୀ ସମୁଦ୍ର କୂଳର ଦିଗବାରିଣୀ ଖୁଂଟ ନିକଟରେ ଆଜି ମଧ୍ୟାହ୍ନରେ ଦୁଇ ଜଣ ପର୍ଯ୍ୟଟକ ସ୍ନାନ କରୁଥିବା ଉଚ୍ଚ ଲହଡ଼ିଆସିବାରୁ ଭାସି ଯାଉଥିଲେ । ଏହି ସମୟରେ ସେମାନଙ୍କୁ ସେଠାରେ ଲାଇଫ୍ ଗାର୍ଡ୍ ମାନେ ଉଦ୍ଧାର କରିଛନ୍ତି । ଏହି ପର୍ଯ୍ୟଟକ ଦୁଇ ଜଣ ହେଲେ ଖୋର୍ଦ୍ଧା ଜିଲ୍ଲା ସନ୍ତର ପୁର ଗ୍ରାମର ପଚାଂନନ ସେନାପତିଙ୍କ ଦୁଇ ପୁଅ ପଦ୍ମଲୋଚନ (୩୩) ଓ ପଦ୍ମନାଥ (୨୭) । ସମୁଦ୍ର କୂଳରେ ଆଶୁ ଚିକିତ୍ସା ପରେ ଉଭୟେ ସୁସ୍ଥ ହୋଇଥିଲେ ।

# ପାଣିରୁ ସୋଲ ସାଉଁଟୁଥିବା କୋଲକତାର ଯୁବକ ବିଦ୍ୟୁତ୍ ଆଘାତରେ ମୃତ



ଜଳେଶ୍ୱର,୨।୧୦ (ନି.ପ୍ର): ଆଜି ଶୁକ୍ରବାର ସକାଳେ କୋଲକତାର ୩ଜଣ ଯୁବକ ଆସି ଏ ଅଂଚଳରୁ ଚାଷଜମିରୁ ସୋଲ ସାଉଁଟୁଥିବା ବେଳେ ପାଣିଭିତରେ ପଡିରହିଥିବା ବିଦ୍ୟୁତ୍‌ତାର ସଂସ୍ପର୍ଷରେ ଆସି ଜଣକର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ କୋଲକତାର କୋଲାଘାଟ (ଭାପୁର) ଅଂଚଳର ସେକ୍ ଅବଦୁଲ ହାଏ ନେତୃତ୍ୱରେ ସେକ୍ ଇବ୍ରାହିମ୍ ଓ ସେକ୍ ଅନୁୟାର ୩ଜଣ ଆସି ଅନ୍ୟଦିନପରି ଜଳେଶ୍ୱରର ଶିଖରପୁର ଅଂଚଳରୁ ପଡିଆ ଜମି ଓ ପୋଖରୀରୁ ସୋଲ ଗଛ ସାଉଁଟିଥାନ୍ତି । ଆଜି ମଧ୍ୟ ଏପରି କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଏକ ପୋଖରୀ ନିକଟରେଥିବା ବଡ ବଡ ସୋଲ ଗଛ ସଂଗ୍ରହ ବେଳେ ଅବଦୁଲ ହାଏ (୫୫)ର ବାଭଗୋଡ ଆଣ୍ଠୁ ନିକଟରେ ବିଦ୍ୟୁତ୍‌ତାର ସଂସ୍ପର୍ଷରେ ଆସିବାରୁ ସେ ସେଠାରେ ଟଳି ପଡିଥିଲେ । ତାଙ୍କ ଗୋଡର ଆଣ୍ଠୁ ନିକଟରେ ପୋଡି ଯାଇଛି । ପୁଲିସ୍ ଖବର ପାଇ ଶବ ବ୍ୟବଚ୍ଛେଦ କରିଥିବା ଜଣାଯାଇଛି । ଏତେ ତଳକୁ ବିଦ୍ୟୁତ୍‌ତାର କିପରି ଆସିଲା ଓ ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି ।

# ଛାତ୍ର କଂଗ୍ରେସ ପକ୍ଷରୁ ମଶାଲ୍ ଶୋଭାଯାତ୍ରା

ବାଲେଶ୍ୱର,୨।୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍‌କୁ ବିରୋଧ ସହ ସ୍କୁଲ କଲେଜ୍ ଛାତ୍ରଛାତ୍ରୀଙ୍କ ସମ୍ପୂର୍ଣ୍ଣ ଫି’ଛାଡ଼ ଓ ଦେଶର ଯୁବଗୋଷ୍ଠୀଙ୍କ ନିଯୁକ୍ତି ଦାବି ନେଇ ବାଲେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଗତକାଲି ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ମିଶନ ସ୍କୁଲ ପଡ଼ିଆରୁ ବାହାରି ସହରର ଫକୀର ମୋହନ ଗୋଲେଇ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ମହାସଚିବ ରୋସନ ଲାଲ ବିଟୁ, ପଶ୍ଚିମବଙ୍ଗ ଛାତ୍ର କଂଗ୍ରେସ ସଭାପତି ସୌରଭ ପ୍ରସାଦ ଯୋଗଦେଇ ସରକାରଙ୍କ ବିଭିନ୍ନ ନୀତିକୁ କଡ଼ା ସମାଲୋଚନା କରିଥିଲେ। ବିଶେଷ କରି କରୋନା କଟକଣା ଯୋଗୁଁ ଏବେ ସ୍କୁଲ କଲେଜ୍ ବନ୍ଦ ରହିଭା ସହ ଭର୍ଚୁଆଲ ମୋଡ୍‌ରେ କାଁଭାଁ ପାଠପଢ଼ା ହେଉଛି। ମାତ୍ର ବହୁ ଘରୋଇ ସ୍କୁଲ କଲେଜ୍ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କଠାରୁ ଟ୍ୟୁସନ ଫି’, ବସ୍ ପରିବହନ ବାବଦୀୟ ଅର୍ଥ ଓ ପାର୍କି ଫି’ ଦାବି କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି। ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ଫି’ ଛାଡ଼ କରିବା ପାଇଁ ସେମାନେ ଦାବି କରିଛନ୍ତି। ସେହିଭଳି ନୂତନ କଷିଆଇନ୍‌କୁ ରଦ୍ଦ କରିବା, ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆ ନଗଲେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜକ ଗୌତମ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଂଜନ ଦାସ, ଦେବବ୍ରତ ଦାସ, ଜୀବନ ମହାପାତ୍ର, ସୌରଭ ବେହେରା, ନୀଳଗିରିର ଯୁବନେତା ସନ୍ତୋଷ ମହାପାତ୍ର, ନବ ପ୍ରସାଦ ଭୂୟାଁ, ରାଧାକାନ୍ତ ସାହୁ, ଶଶାଙ୍କ ଶେଖର ପାଢ଼ୀ, ସତ୍ୟଜିତ୍ ପାତ୍ର, ଜ୍ୟୋତିରଂଜନ ସାହୁ, ମନୋଜ ମହାନ୍ତି, ପ୍ରବୀର ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱେଚ୍ଛାସେବୀ ସଂଗଠନ ‘ସହାୟକ’ର ସ୍ୱନକ୍ଷତ୍ର ଉତ୍ସବ

ବାଲେଶ୍ୱର,୨।୧୦ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ‘ସହାୟକ’ର ପଞ୍ଚଦଶ ସ୍ୱନକ୍ଷତ୍ର ଏବଂ ଜାତିର ପିତା ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଶାନ୍ତିଦୂତ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଅଫିସ୍ ଗୃହରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ଇଂଜିନିୟର ବନମାଳୀ ନାୟକ ଏଥିରେ ସଭାପତିତ୍ୱ କରିବା ସହିତ ସମ୍ପ୍ରତି ସମାଜସେବା କ୍ଷେତ୍ରରେ ସହାୟକ ସଂଗଠନର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ ।ଏଥିରେ ସରକାରୀ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ନିରଞ୍ଜନ ପରିଡ଼ାଙ୍କ ସମେତ ଶଶାଙ୍କ ଶେଖର ଦତ୍ତ, ପର୍ଶୁରାମ ଖଟୁଆ, ପ୍ରଫୁଲ୍ଲ କୁମାର ଦାସ, ପୁରୁଷୋତ୍ତମ ବେହେରା, ବସନ୍ତ କୁମାର ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ଶେଖ୍ ଆଲାଉଦ୍ଦିନ୍, ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ସହାୟକ ସଂଗଠନର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ମଧ୍ୟ ଏହା ଅଧିକ ସକ୍ରିୟ ରହି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରୁବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବ ବର୍ଷମାନଙ୍କ ଭଳି ସଂଗଠନ ପକ୍ଷରୁ ୩୦ଜଣ ପୁରୁଷ ଓ ମହିଳାଙ୍କୁ ବସ୍ତ୍ର, ମାସ୍କ, ଟିଫିନ୍ ପ୍ରଦାନ କରାଯାଇଥିଲା।

# ରାହୁଲ ଗାନ୍ଧୀଙ୍କୁ ଆକ୍ରମଣ ପ୍ରତିବାଦରେ ଭୁବନେଶ୍ୱର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨।୧୦ (ନି.ପ୍ର): ରାହୁଲ ଗାନ୍ଧୀଙ୍କୁ ଉତରପ୍ରଦେଶ ପୋଲିସ୍‌ର ଆକ୍ରମଣ ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଦିନ ପ୍ରାକ୍ତନ ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରୀ ଚୌଧୁରୀଙ୍କ ସହ ଶତାଧିକ ଜିଲ୍ଲା କଂଗ୍ରେସର ନେତୃବୃନ୍ଦ କଂଗ୍ରେସ ଭବନ ଠାରୁ ଏକ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଂଟିନ ଛକରେ ରାସ୍ତା ଅବରୋଧ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶପୁତଳିକା ଦାହ କରିଥିଲେ। ଏହି ପ୍ରସଙ୍ଗରେ ଶ୍ରୀ ଚୌଧୁରୀ କହିଥିଲେ ଯେ ହାଥରସ୍ ଗଣଦୁଷ୍କର୍ମର ଅପରାଧିଙ୍କୁ ପୋଲିସ୍ ଏପର୍ଯ୍ୟନ୍ତ ଗିରଫ କରିପାରିନଥିବା ବେଳେ ମୃତ ପୀଡ଼ିତାର ପରିବାରବର୍ଗଙ୍କୁ ସମବେଦନା ଜଣାଇବା ପାଇଁ ଯାଉଥିବା ବେଳେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ଉପରେ ଉତରପ୍ରଦେଶ ପୋଲିସ୍ ଦ୍ୱାରା ବର୍ବୋରୋଚିତ ଆକ୍ରମଣ କରାଯାଇଛି। ଏହା ଗଣତନ୍ତ୍ର ଉପରେ ଆକ୍ରମଣ। ପ୍ରଧାନମନ୍ତ୍ରୀ ଏବଂ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୋଲିସ୍ ଏପରି ଅମାନୁଷିକ କାର୍ଯ୍ୟ କରିଛି। ଦେଶରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଏପଟେ ମୃତ ପୀଡ଼ିତାର ପରିବାରକୁ ପୋଲିସ୍ ନିର୍ଯ୍ୟାତନା ଦେଉଛନ୍ତି ଏବଂ ଦେଶବ୍ୟାପି ଆନ୍ଦୋଳନ ପରେ ଏସ୍ଆଇଟି ତଦନ୍ତ କରାଯାଉଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo